# କଦମ୍ବିତ ଉପବନ

ସମରଜିତ୍ ପଟ୍ଟନାୟକ

# କଦମ୍ବିତ ଉପବନ

ସମରଜିତ୍ ପଟ୍ଟନାୟକ

ଆମରିସତ୍ୟ
ଖୋରଧା

ISBN 978-81-925120-3-7

*ସମରଜିତ୍ ପଟ୍ଟନାୟକ*

# କଦମ୍ବିତ ଉପବନ

*ସର୍ବସ୍ୱତ୍ୱ ଲେଖକଙ୍କ ଦ୍ୱାରା ସଂରକ୍ଷିତ*

**ପ୍ରଥମ ସଂସ୍କରଣ:** ଜନ୍ମାଷ୍ଟମୀ , ୨୦୧୪

**ପ୍ରକାଶକ:** **ଆମରିସତ୍ୟ,** ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ,
ଜିଲା: ଖୋରଧା, ପିନ୍: ୭୫୨୦୫୭

**ମୁଦ୍ରଣ:**
ନିସ୍ୱାସ-ସେଡେକ୍ ପ୍ରେସ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩

**ମଲାଟ ପରିକଳ୍ପନା ଓ ଅଲଂକରଣ :** ରାଜୀବ ଲୋଚନ ରଥ

**ଲେଖକଙ୍କ ଠିକଣା : ,** ଖୋରଧା - ୭୫୨୦୫୭

**ମୋବାଇଲ୍ :** ୯୮୬୧୧୨୧୨୦୫

**Kadambita Upabana**
Written by: *Samarjeet Pattanaik*
** Copyrights reserved by author*
*1st Edition : Janmastami , 2014*

Published by:
AMARISATYA
Agency for Management, Advocacy, Research, Implementation, Services and Training onYouth Affairs .M-1/5, Mukunda Prasad Housing Board Colony .
PO: P.N.College, DT: Khordha-752057 .Odisha
*amarisatya@gmail.com/amarisatya@rediffmail.com*
*06755-220980*

--------------------

Printed at:
NISWASS-CEDEC Press
Chandrasekharpur, Bhubaneswar-23, Dt: Khordha

--------------------

*Address of the Author - , Khordha-752057*
*Mob :9861121205*

ମୂଲ୍ୟ**: ୯୦ ଟଂକା /** Price: ₹ 90.00

# ପ୍ରାକ୍‌କଥନ

ଶବ୍ଦ କଳ୍ପଦ୍ରୁମରେ କବିକୁ ସର୍ବଜ୍ଞ ଓ ସର୍ବବର୍ଣ୍ଣନ କର୍ତ୍ତାଭାବେ ଅଭିହିତ କରାଯାଇଅଛି। ହେମଚନ୍ଦ୍ରଙ୍କ କାବ୍ୟାନୁଶାସନ ମତରେ କବି ଯଦି ମନ୍ତ୍ର ଦ୍ରଷ୍ଟାଋଷି ବର୍ଣ୍ଣନା ନିପୁଣତା ହାସଲ କରିନାହାଁନ୍ତି ତା ହେଲେ ସେ କବି ପଦବାଚ୍ୟ ହୋଇ ପାରିବେ ନାହିଁ। ବ୍ୟକ୍ତି ଚିତ୍ତର ରସମୟ ଅଭିବ୍ୟକ୍ତି ହେଉଛି ତାର କାବ୍ୟ। ଜୀବନର ଅନୁଶୀଳନରୁ ତାର ଯେଉଁ ଅଭିଜ୍ଞାନର ଅଭ୍ୟୁଦୟ ହୁଏ ତାହାକୁ ସେ ବାଣୀ ରୂପ ପ୍ରଦାନ କରିଥାଏ। ତାହାକୁ ହିଁ ଆମେ ସାଧାରଣତଃ କାବ୍ୟନାମରେ ଅଭିହିତ କରିଥାଉ। ଏହା ହେଉଛି କବି ହୃଦୟାବେଗର ଉନ୍ମୋଚକ। ଯେଉଁ କବିର ଅନୁଭୂତି ଓ ଜୀବନବୋଧର ଆବେଗ ଯେତେ ଅଧିକ ତାର କାବ୍ୟ ସେତେ ଜୀବନ୍ତ ଓ ହୃଦୟଗ୍ରାହୀ ହୋଇଥାଏ। କବିମାନେ ବ୍ୟକ୍ତି ବିଶେଷ ହୋଇଥିଲେ ମଧ୍ୟ କ୍ରମଶଃ ଜାତୀୟ ସଂପଦରେ ପରିଣତ ହୋଇ କାଳଜୟୀ ଓ ଚିର ସ୍ମରଣୀୟ ହୋଇ ରହିଯାଆନ୍ତି। ଏକ ଅଲୌକିକ ଶକ୍ତି ପ୍ରେରଣା ସ୍ୱରୂପରେ ଆସି ସେମାନଙ୍କ ଅନ୍ତରକୁ ଆନ୍ଦୋଳିତ କରି କାବ୍ୟ ସୃଷ୍ଟିରେ ସହାୟକ ହୋଇଥାଏ। ତାହା ସବୁବେଳେ ନହୋଇ ଏକ ନିର୍ଦ୍ଦିଷ୍ଟ ସମୟରେ ହୋଇଥାଏ। ସେତେବେଳେ କବି ଭାବ ବିହ୍ୱଳ ହୋଇ ଏକ ବିଚିତ୍ର ଅବସ୍ଥାରେ ପହଞ୍ଚିଥାଏ। ତାର ବାହ୍ୟ ଜ୍ଞାନ ଲୋପ ହୋଇଯାଇଥାଏ। ସେହି ଚିତ୍ତ ବିସ୍ତାର ଅବସ୍ଥାକୁ ଅନ୍ତଃପ୍ରେରଣା କୁହାଯାଇପାରେ। ପ୍ରେରଣା ଅନେକ ଦିଗରୁ ଆସିପାରେ-ଯଥା ନଦନଦୀ,କାନନ,କାନ୍ତାର,ବର୍ଷା,ବସନ୍ତ ପ୍ରଭୃତି ପ୍ରାକୃତିକ ବସ୍ତୁ କବି ମନରେ ପ୍ରେରଣା ଜଗାଇଥାଆନ୍ତି। କାବ୍ୟରେ ଜୀବନର ସତ୍ୟ ଅତି ମନୋଜ୍ଞଭାବେ ପ୍ରତିଫଳିତ ହୋଇଥାଏ। ଯେଉଁ କବି ଏହି ସତ୍ୟକୁ ଯେତେ ମନୋଜ୍ଞ ପରିପ୍ରକାଶ କରନ୍ତି ତାଙ୍କର କବିତା ସେତେ କାଳଜୟୀ ହୋଇଥାଏ।

ଖୋର୍ଦ୍ଧାର କବି ସମରଜିତ୍ ପଟ୍ଟନାୟକଙ୍କ- 'କଦମ୍ବିତ ଉପବନ'କୁ ଏଇ ଭାବରେ ବିଚାର କରାଯାଇପାରେ। ତାଙ୍କର ଜଗତ ଓ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀକୁ ଏହାରି ମାଧ୍ୟମରେ ଦେଖିବାକୁ ହେବ। ଏହା ଏକ ଆଧୁନିକ କବିତା ଗ୍ରନ୍ଥ। ଭାଷା ସରଳ ସୁଖପାଠ୍ୟ, ଭାବ ତରଳ ପ୍ରକାଶଭଙ୍ଗୀ ସାବଲୀଳ କବି ଜୀବନାଦର୍ଶ ସ୍ୱଚ୍ଛ ଲାଳିତ୍ୟପୂର୍ଣ୍ଣ ଶବ୍ଦ ସଂଯୋଜନା ଗ୍ରନ୍ଥଟିକୁ ଅତ୍ୟନ୍ତ ଆକର୍ଷଣୀୟ କରି ତୋଳିଛି। ପ୍ରାଚୀନ ମୁକ୍ତକ କବିତା ପରି ଏଇ କବିତା ଗୁଡ଼ିକ ସ୍ୱୟଂ ସଂପୂର୍ଣ୍ଣ ତଥା ଆଧୁନିକ ଗୁଣ ଧର୍ମ ବିମଣ୍ଡିତ।

ପ୍ରେମ ଜୀବନକୁ ମହିମା ମଣ୍ଡିତ କରେ। ମଣିଷର ରୁକ୍ଷ ହୃଦୟରେ କୋମଳତାର ସ୍ପର୍ଶ ଭରିଦିଏ। ପ୍ରେମର ଦୀପ୍ତିମୟ ପ୍ରଭା କବି ଅନ୍ତରକୁ ଯୁଗେ ଯୁଗେ ଆଲୋକିତ

କରିଥାଏ। ଏ ସଂପର୍କରେ– 'କଲେଜ କୁଇନନ୍କବିତାରେ କବିର ଚିନ୍ତା ଓ ଚେତନା ଅଭିନବ ରୂପରେ ରୂପାୟିତ ହୋଇଛି। ଏହା ସରଳ ରସାଳ, ସାବଳୀଳ ତଥା ଚିତ୍ତଉଲ୍ଲାସକାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଲେଖିଛନ୍ତି–

ରକ୍ତାଧରେ ହାସ୍ୟଖେଳେ ଦୀପ୍ତମୁଖେ ଚିତ୍ତଲୋଳେ
ମୁକ୍ତାକାଶ ପକ୍ଷୀପରି ଛନ୍ଦ ଶତ ତୋଳେ,
କୃଷ୍ଣବେଣୀ ପୁଷ୍ପଭାରେ ମତ୍ତହୋଇ ପୃଷ୍ଠେ ଦୋଳେ
ଦଗ୍ଧ ପ୍ରାଣ ସ୍ନିଗ୍ଧ କରେ ଦୃଷ୍ଟି ଯଦି ଢ଼ାଳେ।।

ପ୍ରତ୍ୟେକ ବ୍ୟକ୍ତି ଆଶାକୁ ନେଇ ବଞ୍ଚି ରହେ। ଏଇ କବି ମଧ୍ୟ ସେଥିରୁ ବାଦ୍ ଯାଇ ନାହାଁନ୍ତି। ସେ ଆଶାୟୀ ହୋଇ ଗାଇ ଉଠିଛନ୍ତି–

"ଏହା ଯଦି ସତ ହୋଇଥାଏ
ହାତୀଥିଲେ ଗହନ ବନରେ
ସିଏ ଏକା ରଜାଙ୍କ ସମ୍ପତ୍ତି
ଆଉ ମୋଟେ କାହାର ସେ ନୁହେଁ,
ତେବେ ଆଜି ସେଇ ଆଶା ନେଇ
ମୁଁ ବଞ୍ଚିଛି ଓ ବଞ୍ଚିବି ଯୁଗ ଯୁଗ ଧରି।"

ତଥାପି ବେଳେବେଳେ ମନରେ ହତାଶା ଭାବ ଆସେ।ସୁଖର ଲେଲିହାନ ଶିଖାରେ ଦୁଃଖର ଜଳ ମାଡ଼ିଯାଏ।–କବି ମନ ନୈରାଶ୍ୟରେ ଭାରାକ୍ରାନ୍ତ ହୋଇଯାଏ। ଓ ଦୁଃଖରେ ଗାଇଉଠେ–

"ମରମ ଗୀତ ଆଉ ଗାଇବି କାହାଆଗେ
ଗାଇଲେ କେ ଶୁଣିବ , ଗାଇବି କେଉଁ ରାଗେ।"

ଆତ୍ମ ତ୍ୟାଗର ଚରମ ସତ୍ୟରେ କବି ବିଭୋର ହୋଇ ଆବେଗଭରା କଣ୍ଠରେ ଗାଇ ଉଠିଛନ୍ତି –

"ତୁମେ ସିନା ଦଳିଦେଲ
ତଥାପି ବି ମରି ମୁ ତ ମରି ପାରିନାହିଁ
ଧୂଳିରେ ଯାଇଛି ମିଶି,ପୁଣି ତୁମେ
ଚହିଁ ଯଦି କେବେ
ପୁଉଣି ଉଠିବି ଫୁଟି ତୁମ ଲାଗି
ଶୁଭ୍ର ଏକ ମଲ୍ଲିକା ହୋଇ
ସେଇ ପଥେ ସତେ ସଖୀ
ତୁମ ଲାଗି ତୁମ ଲାଗି ଖାଲି"।

ପ୍ରତେକ ବ୍ୟକ୍ତି ପାଇଁ ତା' ର ମା ହେଉଛି ଅତି ପ୍ରିୟ, ଆରାଧ୍ୟା। ମା'ର ମମତା ଆଉ କାହାଠାରୁ ମିଳେନାହିଁ। କବି ମାତୃ ଋଣ ଶୁଝିପାରି ନାହାଁନ୍ତି।- ମନରେ ଅବଶୋଷ ରହି ଯାଇଛି।- ଲେଖିଛନ୍ତି

"ବୋଉ କିନ୍ତୁ ଆସୁ ନାହିଁ , ଆସିଲାନି
ଆଉ ସିଏ ଆସିବନି ଜମା,
ଯେତେଥର ବୁଝାଇଲେ
ମନମୋର ମାନୁ ନାହିଁ ମନା"

କବି ପ୍ରାଣ ଶୋକରେ ବିଳପି ଉଠିଛି-

ତେଣୁ ଆଜି କାନ୍ଦୁଛି ତୋ ବିହୁନେ
ତୋ ଆଦର ତୋ ମମତା ଝୁରି,
ନିତି ନିତି ରାତି ହେଲେ -
ମନ୍ଦ ମୋର କରମେ ଆଦରି।"

ଜଣେ ପ୍ରାଚୀନ ଇଂରେଜ କବିଙ୍କ ପରି ନିଜକୁ ଗୁଣହୀନ ବୋଲି କହି ନିହାତି ଅଜଣା ଅଶୁଣା ଭାବେ ଏ ଧରା ବକ୍ଷରୁ ସେ ଚାଲି ଯିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି -

ଅଭିଶାପ ନେଇ ଧରା ବକ୍ଷରେ ଯେପରି ଆସିଛି ଧାଇଁ
ସେହି ପରି କାଲି ଝରିଯିବି ମୁହିଁ ଢାଳିବେନି ଲୁହ କେହି।

ସମରଜିତ ପଟ୍ଟନାୟକଙ୍କର 'ବିଷାଦର କୁହୁ' ନାମକ ଆଉ ଏକ କବିତା ସଂକଳନ ଆଗରୁ ପଢ଼ିଥିଲି। ତାହା ମତେ ବେଶ୍ ଆନନ୍ଦ ପ୍ରଦାନ କରିଥିଲା। ଏବେ ଏ ବହିଟି ପାଠ କରି ଅପେକ୍ଷାକୃତ ଅଧିକ ଆନନ୍ଦ ପାଇଛି।

କବିଙ୍କର କବିତ୍ୱ ମତେ ବାସ୍ତବିକ ମନ୍ତ୍ରମୁଗ୍ଧ କରିଛି। କବିର ଚିନ୍ତା, ଚେତନା, ଆବେଗ, ଅନୁରାଗ, ଦୃଷ୍ଟି ଦର୍ଶନ, ଅଭିବ୍ୟକ୍ତିର ଧାରା, ଆଳଙ୍କାରିକ ଚିତ୍ର, ଶବ୍ଦ ସଂଯୋଜନା ଓ ପଦଲାଳିତ୍ୟ ଯେ ଏତେ ଉନ୍ନତ ଧରଣର ତାହା ଯେ କେହି ପାଠକ ମୁକ୍ତ କଣ୍ଠରେ ସ୍ୱୀକାର କରିବେ।

ତାଙ୍କର ଏହିଧାରା ଅବ୍ୟାହତ ରହି କ୍ରମୋନ୍ନତି ଦିଗରେ ଗତି କଲେ ସେ ଯେ ଓଡ଼ିଆ କାବ୍ୟଧାରାରେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ହେବେ ଏହା ବିନା ଦ୍ୱିଧାରେ କୁହାଯାଇପରେ।

କବି ଲେଖନୀର ଜୟ ହେଉ।

**ପ୍ରଫେସର ପ୍ରଫୁଲ୍ଲ କୁମାର ପାଇକରାୟ**
ଖୁଦୁପୁର, ଜଟଣୀ, ଖୋରଧା
ମୋ-୯୯୩୭୧୩୩୪୧୫

# ଉତ୍ସର୍ଗ

ଗତ ୪୦ ବର୍ଷଧରି ନିଜ ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ମୋର ସବୁ ଅଭାବ ଅସୁବିଧାକୁ ଘୋରି ବାଟି ଅମୃତ ପରି ପିଇ ଯାଉଥିବା ଓ ମୋର ହାତ ଧରି ତାର ଜୀବନଟା ବ୍ୟର୍ଥ ହୋଇଗଲା ବୋଲି ବାରମ୍ବାର ଖୁଣ୍ଟା ଦେଉଥିବା ସେଇ ମହିୟସୀ ମହିଳା ଶ୍ରୀମତୀ ନନ୍ଦିତା ପଟ୍ଟନାୟକଙ୍କ ହାତରେ ଟେକି ଦେଲି ଏଇ ମୋର ଅନ୍ତିମ ସାରସ୍ୱତ ଉପହାର – 'କଦମ୍ବିତ ଉପବନ'

**ସ୍ମରଜିତ୍**

# ନିଜର ପଦେ କଥା

ଏ ମନ ଏକ ଅଦ୍ଭୁତ ଉପବନ। ଏ ଉପବନ କେବେ କଦମ୍ବିତ ହୁଏ ତା କେବଳ ସେଇ ମନହିଁ ଜାଣେ। ଏ ଦୁନିଆ ତାର ଆଭାସ ପାଏ ଅନେକ ଡେରିରେ। ନୀପ ପୁଷ୍ପର ମଧୁର ଗନ୍ଧରେ ଦିଗ ମହକି ଉଠିଲେ ଏ ଜଗତ ଜାଣେ ଉପବନ କଦମ୍ବିତ ହେଲା ବୋଲି। ସେହି ଗନ୍ଧରେ ବିଭୋର ହୋଇ ଉଠେ କବିର ମନପ୍ରାଣ – ଶୁଷ୍କ ଲେଖନୀରୁ ଝରିଯାଏ ମଧୁମୟ କବିତାର ସୁଧାଧାରା, କଦମ୍ବିତ ଉପବନର ସଫଳ ରୂପାୟନ।

ଏଥିରେ ସନ୍ନିବେଶିତ ପ୍ରାୟ ସବୁ କବିତା ୧୯୬୧ ମସିହାରୁ ୧୯୯୮ ମସିହା ମଧ୍ୟରେ ଲିଖିତ। କିଛି ଭଲ କିଛି ମନ୍ଦର ଏକ ଅପୂର୍ବ ସମାବେଶ। ପାଠକଙ୍କ ହାତରେ ସମର୍ପି ଦେଲି – ଭଲ ମନ୍ଦ ବିଚାର ତାଙ୍କର। ତାଙ୍କୁ ଭଲ ଲାଗିଲେ ଖୁସି ହେବି, ଭଲ ନ ଲାଗିଲେ ମନ ମାରି ବସି ରହିବି – କାରଣ ଆଉ ଲେଖିବାର ଅନ୍ତଃସ୍ୱର ଏଣିକି ଯେମିତି ଶୁଷ୍କ ହୋଇ ଆସିଲାଣି

**ସମରଜିତ୍**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧. | କଲେଜ୍ କୁଇନ୍ | ୧୧ |
| ୨. | ଲୁସି | ୧୨ |
| ୩. | ବିହଙ୍ଗ | ୧୩ |
| ୪. | ଆଦ୍ୟ ଆଷାଢ଼ | ୧୫ |
| ୫. | ମନ ଓ ପାହାଡ଼ | ୧୬ |
| ୬. | ପକ୍ଷୀଟିଏ | ୧୭ |
| ୭. | ତୁମେଇ ତ ସେଇ ଦୋଷୀ | ୧୮ |
| ୮. | ମିନତୀ | ୧୯ |
| ୯. | ସାରୁପତ୍ର | ୨୦ |
| ୧୦. | ଗଲାକଥା | ୨୧ |
| ୧୧. | ହେ ଆକାଶ | ୨୨ |
| ୧୨. | ପୃଥିବୀ ଲାଗି | ୨୩ |
| ୧୩. | ହୋଲି ୧୯୬୨ | ୨୪ |
| ୧୪. | ସାହାଡ଼ା ସୁନ୍ଦରୀ | ୨୫ |
| ୧୫. | ନଈ | ୨୭ |
| ୧୬. | ଏବେ ବି | ୨୯ |
| ୧୭. | ରାତିଟିଏ | ୩୦ |
| ୧୮. | ବୋଉ ଲାଗି | ୩୧ |
| ୧୯. | ୧୯୭୦ର ପ୍ରଥମ ରାତି | ୩୩ |
| ୨୦. | କାଉ | ୩୪ |
| ୨୧. | ପ୍ରତୀକ୍ଷା | ୩୬ |
| ୨୨. | ସୁବର୍ଣ୍ଣପୁରରେ ରାତ୍ରୀ | ୩୭ |
| ୨୩. | ସନେଟ୍-୧ | ୩୯ |
| ୨୪. | ଗୋଲାପ ଓ କଣ୍ଟା | ୪୦ |
| ୨୫. | ଭିକ୍ଷାଂ ଦେହି | ୪୨ |
| ୨୬. | ଆଶା | ୪୩ |
| ୨୭. | ମୀରା | ୪୪ |
| ୨୮. | ଶିଶିର | ୪୫ |

| | | |
|---|---|---|
| ୨୯. | ତାଜମହଲ | ୪୬ |
| ୩୦. | ସମ୍ବଲପୁର ଜେଲ୍‌ରୁ | ୪୭ |
| ୩୧. | ମୋର ଆଖି ତୁମର ମନ | ୪୯ |
| ୩୨. | ନୂତନ ଆକାଶ ଓ ନୂତନ ସାଗର | ୫୦ |
| ୩୩. | ଜହ୍ନ କୁ | ୫୧ |
| ୩୪. | ଅନୁରୋଧ | ୫୨ |
| ୩୫. | ତୁମେ ଆସ | ୫୩ |
| ୩୬. | ଅଜାଣତେ | ୫୪ |
| ୩୭. | ଏ ମନ ବି ସ୍ୱପ୍ନ ଦେଖେ | ୫୫ |
| ୩୮. | ଜ୍ୱଳନ | ୫୬ |
| ୩୯. | ତୁମେ ଆସିଥିଲ | ୫୭ |
| ୪୦. | ଶରବ୍ୟ | ୫୮ |
| ୪୧. | ସନେଟ୍‌- ୨ | ୫୯ |
| ୪୨. | ମୁଁ | ୬୦ |
| ୪୩. | କଳ୍ପନା | ୬୧ |
| ୪୪. | ପ୍ରତୀକ୍ଷା | ୬୨ |
| ୪୫. | ନୂଆ ପୁରୁଣା | ୬୩ |
| ୪୬. | ସନେଟ୍‌-୩ | ୬୪ |
| ୪୭. | ତିନୋଟି ପ୍ରଶ୍ନ | ୬୫ |
| ୪୮. | ଚାହିଁଥିଲି | ୬୬ |
| ୪୯. | ତୁମକୁ ପଦେ | ୬୭ |
| ୫୦. | ଭୁଲିଯାଅ | ୬୮ |
| ୫୧. | ସନେଟ୍‌-୪ | ୬୯ |
| ୫୨. | ସନେଟ୍‌-୫ | ୭୦ |
| ୫୩. | ବୁଢା ବର | ୭୧ |
| ୫୪. | ସନେଟ୍‌-୬ | ୭୨ |
| ୫୫. | ବୋଉ ତୋ ଲାଗି | ୭୩ |
| ୫୬. | ଝିଅମନ | ୭୪ |
| ୫୭. | ଆତ୍ମାନୁ ସଂଧାନ | ୭୫ |
| ୫୮. | କିପରି କୁହତେବେ | ୭୬ |
| ୫୯. | ପ୍ରଶ୍ନ | ୭୭ |
| ୬୦. | ଅଭିନୟ | ୭୮ |

| | | |
|---|---|---|
| ୬୧. | ଦୁଇଟି ମୁହୂର୍ତ୍ତ | ୭୯ |
| ୬୨. | ନୂଆ | ୮୦ |
| ୬୩. | ସନେଟ-୭ | ୮୧ |
| ୬୪. | କିଂଶୁକର ଶୋକ | ୮୨ |
| ୬୫. | ମୋତେ ଦିଅ | ୮୩ |
| ୬୬. | ବନହଂସୀ | ୮୪ |
| ୬୭. | କେତେ ଦିନ ? | ୮୫ |
| ୬୮. | ଫଗୁଣ କୁ | ୮୬ |
| ୬୯. | କାହିଁ ଗଲା | ୮୭ |
| ୭୦. | ଓଏସିସ୍ | ୮୮ |
| ୭୧. | ଅଦିନ ବର୍ଷା | ୮୯ |
| ୭୨. | ଦ୍ୱିପ୍ରହର | ୯୦ |
| ୭୩. | ମୋତେନେଇ | ୯୧ |
| ୭୪. | ଅପେକ୍ଷା | ୯୩ |
| ୭୫. | ଅବୁଝା | ୯୬ |
| ୭୬. | ହେ ସୂର୍ଯ୍ୟ | ୯୭ |
| ୭୭. | ଶିଳା ନର୍ତ୍ତକୀ | ୯୮ |
| ୭୮. | ମୋର ଶବ | ୯୯ |
| ୭୯. | ଦୁଃଖ | ୧୦୦ |
| ୮୦. | ବିଳମ୍ବିତ ଲଗ୍ନ | ୧୦୨ |
| ୮୧. | ଇଚ୍ଛା | ୧୦୪ |
| ୮୨. | ସୁନାଚଢେଇ | ୧୦୬ |
| ୮୩. | ଉପଳର ଇତିକଥା | ୧୦୭ |
| ୮୪. | କକମିନା | ୧୦୮ |
| ୮୫. | ଫୁଲ ଗଛ କାହିଁକି ତୁ ମଲୁ ? | ୧୦୯ |
| ୮୬. | ଚାଲ ଆମେ ଯିବା ଉଡ଼ି | ୧୧୦ |
| ୮୭. | ପ୍ରତିପଦା, ଦ୍ୱିତୀୟା ଓ ତୃତୀୟା | ୧୧୧ |
| ୮୮. | ଅନେକ ଦିନ ପରେ | ୧୧୨ |
| ୮୯. | ଉଲ୍‌କା | ୧୧୩ |
| ୯୦. | କଣ୍ଢେଇ | ୧୧୪ |
| ୯୧. | ତୁମ ଲାଗି | ୧୧୫ |
| ୯୨. | ଅନ୍ଧ ମୁଁ ଆଜି | ୧୧୬ |

# କଲେଜ୍ କୁଇନ୍

●

ସ୍ୱଳ୍ପ ଭାଷେ, ଅଳ୍ପ ହସେ
କ୍ଷୀପ୍ର ପଦେ ଚଳେ
ସିକ୍ତ ତା'ର ଦିବ୍ୟ ଡୋଳା
ସ୍ନିଗ୍ଧ ମୁଖେ ଝଳେ ।।
ରକ୍ତାଧରେ ହାସ୍ୟ ଖେଳେ,
ଦୀପ୍ତ ମୁଖେ ଚିତ୍ତ ଲୋଳେ
-ମୁକ୍ତାକାଶ ପକ୍ଷୀପରି ଛନ୍ଦ ଶତ ତୋଳେ
କୃଷ୍ଣ ବେଣୀ ପୁଷ୍ପଭାରେ
ମତ୍ତ ହୋଇ ପୃଷ୍ଠେ ଦୋଳେ
-ଦଗ୍ଧ ପ୍ରାଣ ସ୍ନିଗ୍ଧ କରେ
ଦୃଷ୍ଟି ଯଦି ଢ଼ାଳେ ।।

●●

# ଲୁସି

(ଅନୁବାଦ)

●

ନିର୍ଜନ ପଥେ "ଡୋଭ୍" ଝର ତୀରେ
ଲୁସି ଥିଲା ତାର ଜୀବନ ବାହି,
ଶୁଣିନାହିଁ ଦିନେ ପରଶଂସା କାର
ସେନେହ ବି ତାରେ ଦେଇନି କେହି।।
ଶିଉଳି ଘେରା ସେ ପଥର ଉହାଡ଼େ
ସୁନ୍ଦର ଏକ ପୁଷ୍ପ ପରି
ଲୁସି ଦିଶୁଥିଲା ନୀଳ ନଭେ ସତେ
ନିର୍ଜ୍ଜନେ ଏକ ତାରକା ଭଳି।।
ଅଜ୍ଞାତେ ତାର ଜୀବନ ପୁଷ୍ପ
ଫୁଟି ଝଡି ଗଲା ଅଜ୍ଞାତରେ
କବର ତଳେ ସେ ଶାନ୍ତେ ଶୋଇଛି
କବି ଅନ୍ତର ବିରହ ଝୁରେ।।

●●

# ବିହଙ୍ଗ

●

ବିହଙ୍ଗ ପରି ଯଦି
ଯିବି ମୁଁ କେବେ ଉଡ଼ି
ଏ ନୀଳ ଗଗନରେ ଟିକି ମୋ ଡେଣା ମେଲି,
ବିଷାଦ ଘନ ଛାୟା
ଦୁନିଆଁ ମୋହ ମାୟା
ତେଜି ମୁଁ ଯିବି ଉଡ଼ି ଗଗନେ ଧିରେ ଚଳି। ୧
ନିଇତି ମନଭରି
ସୁର ମୁଁ ଦେବି ତୋଳି
ସେ ସୁର ଯିବ ହଜି ଶୂନ୍ୟ ଗଗନରେ,
ଶାନ୍ତ ମଳୟରେ
ମଧୁର ଚୁମ୍ବନେ
ହଜାଇ ଦେବି ମୋରେ ତାହରି ବକ୍ଷରେ।୨
ଅଂଶୁମାଳି ହେବ
ଦିବସ ସାଥି ମୋର
ରାତ୍ରି ସାଥି ହେବେ ତାରକା ଶଶଧର,
ବୃକ୍ଷଶାଖା ହେବ
ଜୀବନ ସାଥି ମୋର
ତାହାରି କୋଳ ପରେ ବିତିବ ଦିନ ମୋର। ୩
ସଳିତା ସରିଯିବ
ଦୀପଟି ଲିଭିଯିବ
ଡେଣା ମୋ ଝରିଯିବ ରୁକ୍ଷ ଭୂଇଁ ପରେ,
ତେଣୁ ମୁଁ କହି ରଖେ

ତାରକା ଶଶଧରେ

ମୋତେ ରେ ଖୋଜିବନି ଧ୍ୱାନ୍ତ ଗଗନରେ। ୪

ଅଂଶୁମାଳି ତେରେ

ରାଣ ମୋ ରହିଲାରେ

ଉଇଁବୁ ଯେବେ ଧିରେ ପରାଚୀ ଗଗନରେ,

ଖୋଜିବୁ ନାହିଁ ମୋରେ

ଆକୁଳ ନୟନରେ

ଯେବେ ମୁଁ ଯିବି ଚଳି ଅଜଣା ଜଗତରେ। ୫

●●

# ଆଦ୍ୟ ଆଷାଢ଼

●

ଆଜି ଆଦ୍ୟ ଆଷାଢ଼େ ସଦ୍ୟ ସଲିଳ ଝରେ
ଦୂର ନିଥର ଆକାଶୁ ଧୂସର ଧରଣୀ ପରେ
ତଳେ ରୁକ୍ଷା ଧରଣୀ ଶୁଷ୍କ ଅଧର ତଟେ
ଏକ ଦିବ୍ୟ ମଧୁର ହାସ୍ୟ ଉକୁଟି ଉଠେ। ୧

ତାର ତନ୍ଦ୍ରା ବହୁଳ କମ୍ର ନୟନ ତଳେ
ଶତ ସୁନେଲୀ ସ୍ୱପ୍ନ ରଙ୍ଗ ଅଛିତ ନେଇ
ତାର ନମ୍ର ଅରୁଣ ଉଷ୍ମ ବକ୍ଷ ପରେ
ଆଜି ଆଦ୍ୟ ରୁଚିର ବର୍ଷା ଆସିଛି ନଇଁ। ୨

ଦୂରେ ଥିଲେବି ଆକାଶ ଧରାରେ ପାରେନା ଭୁଲି
ପ୍ରୀତି – ବର୍ଷା ରୂପରେ ବକ୍ଷେ ତା ପଡ଼େ ତା ଝରି
ଦୂରେ ଥିଲେ ବି ଚନ୍ଦ୍ର କୁମୁଦେ କି ପାରେ ଭୁଲି
ନିତି ଜ୍ୟୋସ୍ନାରୂପରେ ବକ୍ଷେ ତା ଯାଏ ଝରି । ୩
......

ଯେତେ ଦୂରରେ ଥିଲେ ବି ଉଭୟେ ଉଭୟଙ୍କର
ଭୁଲିବାନି ଦୁହେଁ ଦୁହିଁଙ୍କୁ ଯଦି ଦୁନିଆ କରିଲା ପର।

●●

# ମନ ଓ ପାହାଡ଼

●

ଅଦୂର ସେ ପାହାଡ଼ର ଚନ୍ଦା ଚନ୍ଦା ଖଣ୍ଡିଆ ଛାତିରେ
ମଶାଣୀର ଚିତା ସମ ଜଳିଯାଏ ହୁତୁ ହୁତୁ ନିଆଁ
ଏ ପାହାଡ଼ ଛାତିପରେ ଏଇମିତି କେତେ ନିଆଁ ଲାଗେ
ଲାଗି ପୁଣି ଲିଭିଯାଏ କେହିତାର ହିସାବ ରଖେନି ।।

କେତେ ଗଛ କେତେ ଲତା କେତେ ପୁଣି ଦରଫୁଟା ଫୁଲ
ପହିଲି ଫଗୁଣ ତଳେ ଗାଇ ଗାଇ ଜୀବନ ସଂଗୀତ
ଦୋଲୁଥାନ୍ତି ଖୁସି ମନେ,ଜଳିଯାଏ ଜୀବନ ବକୁଳ
ଆକାଶ ଢ଼ାଳିଲେ ଲୁହ, ନିଆଁ ଯାଇ ହୁଏ ପ୍ରଶମିତ ।।

ଏମିତି ଏ ମନତଳେ ବେଳେବେଳେ କେତେ ନିଆଁ ଜଳେ
ଜଳି ପୁଣି ଜାଳି ଦିଏ ପାହାଡ଼ର ଗଛଲତା ଫୁଲ ସବୁପରି
ଏ ମନର ତଳେ ଯେତେ ଦରଫୁଟା ଆଶା ଓ କାମନା
ସେ ନିଆଁ ଲିଭେନି କେବେ ଆଖିରୁ ବା ଆକାଶରୁ ଲୁହଗଲେ ଝରି ।।

ଏ ଦୁନିଆଁ ଜାଣିପାରେ ଏ ପାହାଡ଼େ ଯେବେ ନିଆଁ ଲାଗେ
ସେ କିନ୍ତୁ ପାରେନା ଜାଣି ଏ ମନରେ କେବେ ନିଆଁ ଲାଗେ ।।

●●

# ପକ୍ଷୀଟିଏ

●

ଚକ୍ଷୁକୋଣେ ମୋର ନିଦ୍ରାଗଲେ ଘେରି
ସପନ ଆକାଶରେ ଅଜଣା ପକ୍ଷୀଟିଏ
ମଧୁର କଣ୍ଠରେ ବେସୁରା ସୁର ତୋଳି
ଟିକି ତା ଡେଣା ମେଲି ସୁଦୂରେ ଉଡ଼ିଯାଏ ।୧

ଡାକିଲେ ହାତଠାରି ଖାଲି ସେ ଚାହିଁରହେ
ହାତ ମୁଁ ବଢ଼ାଇଲେ ଦୂରେ ସେ ଚାଲିଯାଏ
ଦୂରରେ ଥାଇ ଖାଲି ନୀରବେ କଥା କୁହେ
ନୀରବ ଭାଷା ତାର ନୀରବେ ଶୁଣିଯାଏ ।।୨

ବୁଝି ମୁଁ ପାରେ ନାହିଁ ତାହାର ସେଇ ଭାଷା
ଯେ ଭାଷା କହେ ସିଏ ନୀରବ ଚଞ୍ଚୁରେ
ଦେଖି ମୁଁ ପାରେ ନାହିଁ ଗହନ ସେଇ ନିଶା
ଯେ ନିଶା ଭରିଥାଏ କଜଳ ଚକ୍ଷୁରେ ।।୩

ଚକ୍ଷୁକୋଣୁ ଯେବେ ତନ୍ଦ୍ରା ଅପସରେ
ସପନ ଆକାଶରେ ଉଡ଼ି ସେ ଯାଏ ଦୂରେ ।।୦

●●

# ତୁମେଇ ତ ସେଇ ଦୋଷୀ

●

ମଥା ପାତି ଆଜି କିପରି ସହିବି କୁହ
ଏ ଯେଉଁ ଶାସ୍ତି ନିର୍ଦ୍ଦୋଷେ ଗଲା ମିଳି
କିପରି ରୋକିବି ଆଜି ଏ ଦାରୁଣ କୋହ
ଅନ୍ତରୁ ଯାହା ଉଠି ଆସେ ଜଳି ଜଳି ।।୦

ନିର୍ଦ୍ଦୋଷୀ ଯେବେ ବିପରିତ ହୁଏ ଦୋଷୀ
ଶିକ୍ଷିତ ଏଇ ଲକ୍ଷ ନୟନ ତଳେ
ଉପଯୁକ୍ତ କି ଶାସ୍ତି ତା ଲାଗି ଫାଶୀ
ସ୍ରଷ୍ଟା ହେ ତୁମ କମ୍ର ସୃଷ୍ଟି ତଳେ ? ?
ତୁମେ ତ ଦେଖିଛ,ତୁମେ ତ ଶୁଣିଛ ସବୁ
ନିର୍ଦ୍ଦୋଷୀ ଯେବେ ବିପରିତ ହେଲା ଦୋଷୀ
ସ୍ରଷ୍ଟା ହେତମେ ସେ ବେଳେ କି ଆସି ଥରେ
କହି ପାରିଲନି -ଉପଯୁକ୍ତ କେ ପାଇବାର ଲାଗି ଫାଶୀ ? ?

ସ୍ରଷ୍ଟା ହେ ! ତେଣୁ ବରିନେବା ଆଗୁ ଫାଶୀ
ଦମ୍ଭେ କହିବି ମୁଷ୍ଟି ଉଠାଇ
ତୁମେଇ ତ ସେଇ ଦୋଷୀ ।।

●●

# ମିନତୀ

●

ଲେଖନୀ ତଟୁ ମୋର ଛନ୍ଦ ଗଲେ ଭାଜି
ଜୀବନ ବକୁଳରୁ ଗନ୍ଧ ଗଲେ ହଜି
ଛନ୍ଦ ଶତ ତୋଳି ଆସିବ ନାହିଁ ଅଳି
ଗନ୍ଧ ଆକୁଳରେ ପଡ଼ିବ ନାହିଁ ଢ଼ଳି ।।

ଶୁଷ୍କ ଲେଖନୀରୁ କବିତା ସୁଧାଧାରା
ଝରିବ ନାହିଁ ଆଉ ହୋଇ ଗୋ ଶତଧାରା
ତେଣୁ ମୁଁ କହେ ସାଥି
ତୋଳି ଗୋ ନିଅ ବୁକେ,
ଏଇ ମୋ କବିତାରେ
ଆଉ ତା ସାଥେ ମୋତେ ।।୨

●●

# ସାରୁପତ୍ର

●

ସାରୁପତ୍ରେ ଭଲପାଇ
ବୟସର ପ୍ରଥମ ସକାଳେ
ମୁଁ କାନ୍ଦିଲି କଇଁ କଇଁ
କପୋତୀର କୋହନେଇ
କଇଁ ଫୁଲ ଆଖିର ଲୁହରେ ।।
ସାରୁପତ୍ର ବୁଝିଲାନି, ଅଭିମାନି
ତା ବୁକୁରେ ଲାଗିଲାନି
ଏତେଟିକେ ସତେ,
ମୋ ଆଖିର ଆକାଶର
ମୋ ମନର ସରାଗର
କୋହଭରା,ଲୁହଭରା
କୁନି କୁନି କୁହୁଡ଼ିର
ଉତ୍ତାପ କେତେ ।।

●●

# ଗଳାକଥା

●

ତୁମେତ ଯିବଣି ଭୁଲି
କୋଇଲିର କୁହୁ ଆଉ
କେକିନୀର କେକା ଯେତେ
ସାଗରର ନେଳି ପାଣି
କାଶତଣ୍ଡୀ ଫୁଲର ମହକ,
କୁନିକୁନି ହୀରା ମାଛ
ଚୁନି ଚୁନି ବାଲିର କବିତା
          ଚୁପ୍ ଚୁପ୍ କେତେ କଥା
          ଆକାଶର-ପୃଥିବୀର
          କଅଁଳିଆ ପାନ ପତରର;
ମୁଁ କିନ୍ତୁ ପାରୁନି ଭୁଲି
ରଖିଛି ସାଇତି ସବୁ
ମୋଅ ଲାଗି
ମୋ ଆଗାମୀ ଅଶ୍ରୁର
ଅସରନ୍ତି ଅମାରାତ୍ରି ଲାଗି
ମୋ ଆକାଶେ ଅସୁମାରୀ
ତାରକାର ଦିହୁଡ଼ି ସଜାଡ଼ି।।

●●

# ହେ ଆକାଶ

●

ହେ ଆକାଶ  ହେ ଚିର ମଉନ
ତୁମ ପରି କରିଦିଅ ମୋତେ
ସବୁ ଦେଖି
ସବୁ ଶୁଣି
ତୁମ ପରି ରହିବି ମଉନ,
ତୁମ ପରି କାନ୍ଦିବି ବସି
ନିତିନିତି ରାତି ହେଲେ
କୋଟି କୋଟି ତାରାର ଆଖିରେ ।।
ତୁମପରି ନଇଁଯିବି
ଢ଼ାଳିଯିବି
ଆଷାଢ଼ର ଅମ୍ବୁଦ ହୋଇ
ଧୂସର ଏ ଧରା ବୁକେ
ଦୟା ଆଉ କ୍ଷମାର ଅମୃତ
ନିତିନିତି ବାରିଦର ଅଜସ୍ର ଧାରାରେ ।।

●●

# ପୃଥିବୀ ଲାଗି

●

କେତେଟା ପାହାଚ ଜମା
ଜୀବନରେ
ଡେଇଁ ଡାଇଁ ଆସିଲା ଉତ୍ତାରେ
ସବୁ ମୁଁ ପାରିଛି ପାଇ
ଏ ପୃଥିବୀ ଅଜାଚିତେ
ସବୁ ମୋତେ ଅଜାଡ଼ି ଦେଇଛି ।
ସ୍ନେହ,ପ୍ରେମ,ପ୍ରବଞ୍ଚନା
ପ୍ରତାରଣା କିଛି ।।
ଆଲୁଅ ଅଂଧାର ସାଥେ
ଅଜାଡ଼ି ଦେଇଛି ପୁଣି
ମିଳନ ଓ ବିରହର
ହସ ଆହୁ ଲୁହ ଭରା
ବିଷ ଆଉ ବିଶ୍ୱାସ କିଛି ।।
ସବୁରେ ତୋଳିଛି କଣ୍ଠେ
ବିଷ ଆଉ ଅମୃତ,
ଭଲ ମନ୍ଦ ବିଚ୍ଚର କରିନି
କେତେଥର ମରି ପୁଣି କେତେ ଥର
ଜୀଇଁବି ଉଠିଛି ।।
ତଥାପି ପାଇଛି ଭଲ
ପୃଥିବୀରେ
ପୃଥିବୀର ପ୍ରତିଟି ଅଣୁରେ
ଯେଣୁ ସିଏ ଦେଲା ମୋତେ
ତା ବୁକୁରେ ଜୀଇଁବାର
ଏ ଜୀବନେ ଅନ୍ତିମ-ଶ୍ରେଷ୍ଠ ଅଧିକାର
ମୁଁ କି ତାକୁ
ଭୁଲି ଯାଇ ପାରେ ? ?

●●

# ହୋଲି ୧୯୬୨

●

ଇନ୍ଦ୍ରଧନୁରୁ ରଙ୍ଗନେଇ ମୁଁ ଫଗୁ ଉତ୍ସବରେ ଆଜି
ଧାଇଁ ଆସିଅଛି ରଂଗାଇବାକୁ ତୁମରି ଅଂଗ ରାଜି।।
ସାତରଂଗରେ ରଂଗାଇ ଆଜି ଇନ୍ଦ୍ରଧନୁର ପରି
ନବ ଚିତ୍ରିତ ଅଂଗର ଶୋଭା ଦେଖିବି ଗୋ ମନଭରି।।
ନୀଳରଂଗରେ ଭ୍ରୁରୁତଳେତଳେ ସରୁ ଗାରଟିଏ ଦେଇ
ଲକ୍ଷେ ଯୁଗର ସୁପ୍ତ ବାସନା ଫୁଟାଇ ଦେବି ଗୋ ତହିଁ
ପୀତରଂଗରେ ଅଂଗଲତାରେ ସ୍ୱର୍ଗ ସୁଷମା ଦେଇ
ମୁଗ୍ଧ ହୋଇ ମୁଁ ଦୀପ୍ତ ଲୋଚନେ ଦଣ୍ଡେ ରହିବି ଚହିଁ।।
ସୁକୋମଳ ତବ ସିକ୍ତ ଅଧରେ ଲୋହିତ ରଂଜିଦେଇ
ତରୁଣ ମନ ମୋ ଅସ୍ଥିର ହେବ ଅଧର ମିଳନ ପାଇଁ।.
ଘନନୀଳେ ଯେବେ ସଜାଇ ଦେବି ଗୋ ଘନ କୁନ୍ତଳ ତବ
ନୀଳ ସିନ୍ଧୁର ଉର୍ମିମାଳା କୁ ତେବେ ସେ ନିନ୍ଦି ଦେବ
ଲାଲ ରଂଗର ଟୋପାଟିଏ ନେଇ ଲଲାଟେ ଦେଲେ ଗୋ ଥୋଇ
ଝଲକି ଉଠିବ ଲଲାଟ ପଟଳ ଅତିବ ଦିବ୍ୟ ହୋଇ।।
ପରେ, ଇନ୍ଦ୍ରଧନୁର ସାତରଂଗରେ ଏକ ରଂଗ ମୁଁ କରି
ତିନ୍ତାଇ ଦେବି ପିନ୍ଧା ବସନ ସେଇ ରଂଗକୁ ଢ଼ାଳି।।
ସାତ ରଂଗରେ ରଂଜିତ ହୋଇ ଇନ୍ଦ୍ରଧନୁର ପରି
ଝଟକି ଉଠିବ ସମ୍ମୁଖେ ମୋର ଦେଖିବି ମୁଁ ମନ ଭରି।।

●●

# ସାହାଡ଼ା ସୁନ୍ଦରୀ

●

ଅଭିଆଡ଼ି, ଅସୁନ୍ଦରୀ
ସାହାଡ଼ା ଗଛକୁ
ସୁନ୍ଦରୀ ଆଖ୍ୟାଦେଇ
ମୁଁ ପ୍ରଥମେ ବାହା ହେଲି
ସାକ୍ଷୀରଖି ଆକାଶକୁ
ପୃଥିବୀକୁ
ଆଉ ମୋ ପାନପତରକୁ;
ଭାବିଥିଲି
ମୋ ସଂସାର ସୁଖମୟ ହେବ
ସାହାଡ଼ା ସୁନ୍ଦରୀ ମୋର
ଯାହାହେଲେ ହେଉପଛେ,
ଏତେ ଟା ଛଳନା କରି
ସିଏ ଜମା ବଞ୍ଚିପାରିବନି-
ଉଷା ଆଉ ଉର୍ବଶୀ
ଉର୍ମିଳାପରି
ଯେଉଁମାନେ ମୋତେ ଭୁଲି
ମୋ ଶାମୁକା, ଶଙ୍ଖଚିଲ ନେଇ
କରଂଜ ବନରେ ଗଲେ
କାଇଁଚର ମାଳା ପିନ୍ଧି
କୋଇଲିର କୁହୁ ଶୁଣି ଶୁଣି;
ଶୀତଋତୁ ଫେରିଲାନି
ସେମାନେ ବି ଫେରିଲେ ନି ଆଉ,
ତଥାପି ମୁଁ ଭୁଲିଗଲି
ଚେଷ୍ଟାକରି,ସେମାନଙ୍କୁ
ଶୀତ ଆଉ ଶରତ ମାନଙ୍କୁ

ମୋ ଆଖିରୁ ଅଜାଣତେ
ଅସୁମାରୀ ଲୁହ ପୋଛି ପୋଛି ।।
ଆଉ ସେଇ
ଅଲାଜୁକି ଛୋପରିମାନଙ୍କୁ
ମୁଉଁ ସିନା ଭୁଲିଗଲି
ବାହା ହୋଇ ସାହାଡ଼ା ଗଛକୁ,
ମୁଁ କି ସେବେ ଜାଣିଥିଲି ଠିଇକ୍ ମୋ ପରି
ସାହାଡ଼ା ସୁନ୍ଦରୀ ମୋର
ମୋତେଭୁଲି-ମୋ ଆଗରେ ବାହାହେବ ଦିନେ
ହାତ ଧରି ରାଜାପୁଅ
ମନ୍ତ୍ରୀ ପୁଅ
କଟୁଆଳ ପୁଅ ? ?
ମୁଁ କି ସେବେ ଜାଣିଥିଲି
ମୋ ଶରତ, ଶୀତ ଋତୁପରି
ସାହାଡ଼ା ବି
ଛଳନାର କୁହୁଡ଼ିରେ
କାଶତଣ୍ଡୀ ପିନ୍ଧି
ମୋ କଣ୍ଠରେ ଢ଼ାଳିଦେବ
ଏତେ ବିଷ-ଅମୃତମୟ ? ?
ତେଣୁ ମୁଁ ବୁଝୁଚି ଆଜି
ଅଦିନରେ ଅନେକ ଡେରିରେ
ସଭିଁଏ ସମାନ ଏଠି (ଅହଲ୍ୟାର ମୃତ୍ୟୁ ପରେ)
ଉଷା ଆଉ ଉର୍ବଶୀ,ଉର୍ମିଳା
ସାହାଡ଼ା ସୁନ୍ଦରୀ;
ସଭିଁଏ ସମାନ ଏଠି
ଲଳିତା, ବିଶାଖା, ରାଧା
ସର୍ବେ ମନ୍ଦୋଦରୀ ।।

●●

# ନଈ

●

ଉର୍ମିଳା ନଈଟିଏ
ମୋତେ ଦିନେ ଡାକିନେଲା
ହାତଧରି, ଓଠଧରି
ଓଟପରି ତା ମନର ପିଠିରେ ବସେଇ,
ବହଳିଆ ବନସ୍ତରେ
ବୟସର ବନଫୁଲ ଖାଇ
ମୁଉଁ ଯେବେ ବୁଲୁଥିଲି ଏକା ଏକା
ମୋତେ ସିଏ ଡାକିନେଲା
ମୋତେସିଏ ଟାଣିନେଲା
ଡରି ଡରି ଜୀଇଁବାର ଝଡ଼ ଭିତରକୁ।।
ଆଉ ସେଇ ହାତ ଧରି
ମୁଁ ଚାଲିଲି ପଛେ ତାର
ମୁଗ୍‌ଧ ଏକ ସାରସର ପରି.,
ଝାଇଁମରା ଝଡ଼ର ଝାନ୍‌ଜିରେ
ତାଆପରେ ଆମେ ଦୁହେଁ ଭୁଲିଗଲୁ
ଭାସିଗଲୁ ଅନେକ ଦୂରକୁ
ଅନେକ ଇଲାକା ଆଉ ଅରାଇଜ ଅପନ୍ତରା ଡେଇଁ
ଆମେ ଦୁହେଁ ଚାଲିଗଲୁ
ସପନର ଅସରନ୍ତି ଇଲାକା ଆଡ଼କୁ।।
∘∘∘∘∘∘∘∘∘∘∘∘∘

ହଠାତ୍ ଭାଙ୍ଗିଲା ନିଦ
ଅକସ୍ମାତେ ଆଖି ମଳି ମଳି
ମୁଁ ଉଠି ଦେଖିଲି ଯାହା
 ମୋ ନିଜକୁ ବିଶ୍ୱାସ ହେଲାନି
-ଏତେବଡ଼ ଝଡ଼ଟାରେ ମୁଁ ଏକେଲା

ମୋ ପାଖରେ ନଈ ନାହିଁ, ନାଆ ନାହିଁ-
ନାଉରିଆ ନାହିଁ,
ଆଉ ସେଇ ଫୁଲେଇ ନଈଟା
ଯିଏ ଦିନେ ଏଇଠିକି କହିବୋଲି
ମୋତେ ସତେ ଡାକି ଆଣିଥିଲା
ଏ ଝଡ଼ର ଅସରନ୍ତି ଇଲାକା ଆଡ଼କୁ
ସିଏ ତ ନଥିଲା ସେଠି
କେତେବେଳୁ କେଉଁ ଆଡ଼େ
ଚାଲି ଯାଇଥିଲା ।।

# ଏବେ ବି

●

ମୋ ଆଖିରେ
କୁହୁଡ଼ିର କଇଁଫୁଲ ଧରି
ଅସୁମାରୀ
ଆମ୍ବ ଆଉ ଅଶ୍ୱତଥ୍ ବନରେ
ମୁଁ ଖୋଜୁଛି କୋଇଲିକୁ
କାଇଁଚର ମାଳା ଜପି ଜପି
କାଉ ଘରେ,କେଳା ଘରେ
ଆଉ 'ମାଳା' ମାଲୁଣିର ଘରେ,
ନାଲି ନାଲି କଅଁଳିଆ ଆମ୍ବ ପତରରେ
ପାଚିଲା ଓଠକୁ ଧରି
ଏବେ ବି ମୁଁ ପଚାରୁଛି କେତେ
-ତୁମେ କି ଗୋ ଦେଖି ନାହଁ ତାକୁ ?
ଏଇଠି ସେ ଗାଉଥିଲା ଗୀତ
ଏମିତିଆ ଓଠ ତାର
ଏମିତିଆ ଆଖି ତାର
ଏମିତିଆ ରଂଗ ତାର କଅଁଳ ଦେହର,
ଏଇମିତି ଚାଲେ ସିଏ
ଏଇମିତି ଡେଣା ସେ ହଲାଏ
ଏଇମିତି ଗୀତ ଗାଏ
ମନହେଲେ
ଏମିତି ସେ ମୁହଁକୁ ଫୁଲାଏ।।
ସତେକି ଜାଣିନ କେହି
କେଣେ ଗଲୁ କୋଇଲି ରେ ମୋର
ଖୋଜି ଖୋଜି ଆଖି ଆସି ଅବଶ ହେଲାଣି,
କେତେ ବା ବୁଲିବି ଆଉ ବାରବୁଲା ବାବାଜିର ପରି
ରାଣ ଅଛି କୋଇଲିରେ
ତୋତେ ଝୁରି ମୋ ଦେହରେ କଣ୍ଠା ରହିଲାଣି।।

●●

# ରାତିଟିଏ

●

ଆଜି ଏ ଅଳସ ରାତି ଜହ୍ନଧୁଆ ଧୂସର ଧରଣୀ
ମୋ ମନର ବାଲି ତଳୁ ଖୋଜେ କେତେ ଶଙ୍ଖ ଆଉ ଶାମୁକାର ସ୍ମୃତି
କାଶତଣ୍ଡୀ କୁହୁଡ଼ିରେ କାଇଁଚ ଓ କରଂଜର ବନରେ ବନରେ
କୋଇଲିର କୁହୁସ୍ୱର,ଆଉ ପୁଣି ତା ଆଖିର କଜ୍ଜଳ ରାତି।।

ଆକାଶେ ଅଲୋଡ଼ା ତାରା ଆଖିଧୁଏ କୁହୁଡ଼ି ନଦୀରେ
ଅଳସକନ୍ୟାର ନିଦ ଭାଙ୍ଗିଯାଏ ନିଶାଚର ବିହଗର ସୁରେ
ଶୀତରତୁ କାନ୍ଦି ଉଠେ, କୋଇଲିର କୁହୁ ମରିଯାଏ
ବେସୁରା ବଇଁଶୀ ଥମେ, ମୋ ଆଖିର ଆକୁଳ ଚିତ୍କାରେ।।

ଜୋଛନାର ଜରିଫୁଲ ଝରିପଡ଼େ ରୂପବତୀ ଜହ୍ନର ଜୁଡ଼ାରୁ
ଉଦାସ ଆକାଶ ଆଖି ନଇଁଯାଏ,ଚକୋରୀର କ୍ରନ୍ଦନ ଶୁଭେ
ଶାମୁକାର ସ୍ୱପ୍ନଭାଙ୍ଗେ, ଶଙ୍ଖଚିଲ ସୁମାତ୍ରା ଦ୍ୱୀପରୁ
ଡେଣାଝାଡ଼ି ଉଡ଼ିଯାଏ, ମୋ ମନରେ ମେଘ ଜମିଉଠେ।।

ଅନେକ ଫୁଲର ଗନ୍ଧ ଅସୁମାରୀ ପତଙ୍ଗର ଶବ
ଜହ୍ନର ଜଉଘରେ ଜମି ଉଠେ, ବ୍ୟସ୍ତହୁଏ ଶଶକର ଶିଶୁ
ମୁକ୍ତିମାଗେ ଚାଲିଯିବ, ରତିକ୍ଳାନ୍ତା ରାତ୍ରୀରେ ଛାଡ଼ି,
ରଂଗହୀନ ଆକାଶଟା ଆସ୍ତେ ଆସ୍ତେ ରଂଗ ଧରିଲାଣି।।

●●

# ବୋଉ ଲାଗି

●

ସେ ଦିନ ମୁଁ କାନ୍ଦିଥିଲି
ଆକାଶର ମାଜଣା ତୁଠରେ
ନୀଳକଇଁ ଓଠ ଛୁଇଁ
ଜହ୍ନ ଯେବେ ଫେରି ଆସୁଥିଲା
ଏକା ଏକା ଆକାଶରେ,
ମୋ ବୋଉକୁ
ଅପନ୍ତରା ଅଗଣାରେ ଛାଡ଼ି
ଅସଂଖ୍ୟ ଅସୁର ଆଉ ଡାଆଣୀ ମଝିରେ
କାହିଁକି ଅଇଲା ଛାଡ଼ି
ଛୋପରୀ ଏ ଛଇଳି ଜହ୍ନଟା
ବାପା ତୁମେ କୁହ ତାକୁ
-ସେ କାଇଁ ଆସିଲା ଫେରି
ମୋ ବୋଉକୁ ସାଙ୍ଗରେ ନଆଣି ?
ତୁମେ ନିଜେ କହୁଥିଲ ପରା-
ବୋଉ ପୁଣି ଲେଉଟି ଆସିବ
ଜହ୍ନକୁ ତା ସାଥେ ନେଇ
ଦିନ ଶେଷେ ଜହ୍ନିଫୁଲ ପରି
ମୋତେ କେତେ ବୋକଦେବ
କକମିନା କାହାଣୀ କହିବ
ମୋତେ ତା କୋଳରେ ଜାକି
ମୋ ଆଖିରୁ ଲୁହ ପୋଛିଦେବ ।।
କାହିଁ ଗଲା ବୋଉ ସତେ ?

ସେଇଦିନୁ
ଜହ୍ନଆସି କେତେଥର
ଲେଉଟି ଗଲାଣି,
ଜହ୍ନିଫୁଲ କେତେ ଥର
ଫୁଟି ପୁଣି ମଉଳି ଗଲାଣି
ବୋଉ କିନ୍ତୁ ଆସୁନାହିଁ,
ଆସିଲାନି-ଆଉ ସିଏ ଆସିବନି ଜମା
ଯେତେଥର ବୁଝାଇଲେ
ମନ ମୋର ମାନୁ ନାହିଁ ମନା।।

# ୧୯୭୦ରେ ପ୍ରଥମ ରାତି

●

ଆଜି ବି ହସୁଛି ଜହ୍ନ, ଯେମିତି ସେ କାଲି ହସୁଥିଲା
ଆଜି ବି ଫୁଟିଛି ଫୁଲ ଯେମିତି ସେ କାଲି ଫୁଟିଥିଲା
ଆଜି ବି ଚକୋରୀ କାନ୍ଦେ କାଲିବିତ କାନ୍ଦୁଥିଲା ସିଏ
ଆଜି ବି କପୋତୀ ଝୁରେ,ଯେମିତି ସେ କାଲି ଝୁରୁଥିଲା।।୧

ଆଜି ବି ଆକାଶେ ଉଠେ ଇସ୍ପାତି ଚିମିନିର ଧୂଆଁ
ରତିକ୍ଲାନ୍ତା ନାରୀ ପରି ରିଂଗ୍ ରୋଡ୍ ଆଜି ବିତ ଭିଡ଼ି ମୋଡ଼ି ହୁଏ
ଆଜି ବି ବୁଭୁକ୍ଷୁ ମରେ ଫୁଟ୍ ପାଥ୍ ବତୀଖୁଣ୍ଟ ତଳେ
ଫର୍ଣ୍ଣେସର ପେଟତଳେ ଆଜିବିତ ଏ ଜୀବନ ଦୁର୍ବିସହ ହୁଏ।।୨

ଆଜି ବି ଆକୁଳେ କାନ୍ଦେ ଅନ୍ଧକାରେ ଅନେକ ନୟନ
ଦେହର ଜୀବିକା ହୁଏ ଆଜିବିତ ଶ୍ରମହୀନ ସହର ଗଳିରେ
ଆଜିବି ଅନେକ ଶିଶୁ ପିତା ମାତା ପରିଚୟ ହୀନ
ମୁଠିଏ ଆହାର ବିନା ଶୋଇଯାନ୍ତି ଗହମ ନିଦରେ।।୩
ସମସ୍ତେ କହନ୍ତି ଆଜି ନୂଆ ବର୍ଷ ଆସିଲା ଆସିଲା
ମୁଁ କିନ୍ତୁ ପାରୁନି ଜାଣି
ଏ ନୂଆରେ ଆମକୁ ବା କଅଣ ମିଳିଲା।।୦

●●

# କାଉ

●

ମୁଁ ନିରୀହ କାଉଟିଏ
କରଂଜ ଗଛରେ
ଅସଂଖ୍ୟ କୋଇଲି ଆସି
ଅଜାଣତେ ମୋର
ମୋ ବସାରେ ଅଣ୍ଡାଦେଇ ଉଡ଼ିଗଲେ
ଅନେକ ଦୂରକୁ ସତେ ଅନ୍ୟ ଇଲାକା କୁ ,
ଆଉ ସେଇ ଅଣ୍ଡା ସବୁ
ପେଟତଳେ ରଖି
ମୁଁ ଉଁ ତାକୁ ଫୁଟାଇଲି
ମୋ ଦେହରୁ ଦାହ ଦେଇ
ମୋ ମନରୁ ମମତା ଅଜାଡ଼ି
ଅନେକ ଶାବକ ହେଲେ
ମୁଉଁ ପୁଣି ପିତୃତ୍ୱରେ ଉବୁଟୁବୁ ହେଲି ।।
ମୋ ବୟସ ଖସିଗଲା
ଟିକିଟିକି ମୋ ଶାବକମାନେ
ମୋ ଦେହର ବଳ ନେଇ ଧିରେ ଧିରେ ବଡ଼ ହେଲେ
କୁନିକୁନି କଅଁଳ ଡେଣାରେ
ଚମକ ଲାଗିଲା– ଆଉ ଅଦିନରେ ବସନ୍ତ ଆସିଲା
ଅଙ୍କାବଙ୍କା କରଂଜ ଡାଳରେ
ମୁଁ ଜାଣିନି
କେତେବେଳେ କିଶଳୟ ଚମକି ଉଠିଲା ।।
ମୁଁ ଦିନେ ଆହାର ସାରି
କ୍ଲାନ୍ତ ଶ୍ଳାନ୍ତ ହୋଇ
ଫେରୁଥିଲି ମୋ ବସାକୁ
ଦୂରରୁ ମୁଁ ଠିଇକ୍ ଦେଖିଲି

ଅନେକ କୋଇଲି କଣ କୋଳାହଳ କରି
ଉଡ଼ିଗଲେ ଡେଣାଝାଡ଼ି
କଅଁଳିଆ କରଂଜ ଡାଳରୁ
ଆଉ ମୁଁ ଦେଖିଲି ଆସି
ମୋ ବସାଟି ଭୂଇଁରେ ଲୋଟୁଛି।
କରଂଜ ଗଛର ସେଇ ପରିଚିତ
ପୁରୁଣା ଶାଖାଟି
ଆଖିରୁ ଢ଼ାଳୁଛି ଲୁହ ମୋ ଦୁଃଖରେ ଦୁଃଖିନୀ ହୋଇ
ମୁଁ ତାକୁ ଆଣିଲି ଭିଡ଼ି
ମୋ ଛାତିର ଉଷୁମ ଦେବାକୁ।।

କରଂଜ ଗଛର ସେହି ଅଙ୍କା ବଙ୍କା ପୁରୁଣା ଡାଳଟା
ଏବେବି ରହିଛି ଜୀଇଁ ଯଦିଓ ତା ବୟସ ବଢ଼ିଛି
ମୁଉଁ କିନ୍ତୁ ମନନେଇ ନୀଡ଼ ଆଉ ବାନ୍ଧୁ ନାହିଁ ଜମା
ତା ପିଠିରୁ-ରାଣ ଅଛି ଆଗବଳ ଅନେକ କମିଛି।

●●

# ପ୍ରତୀକ୍ଷା

●

ପତ୍ରସବୁ ନୀଳ ହେଲେ
ଫୁଲସବୁ ତୁନିତାନି
          ତା କୋଳରେ ଘୁମାଇଁ ପଡ଼ିଲେ
ଆକାଶର ମେଘ ସବୁ
          ମୋ ଆଖିରୁ ନିଦ ନେଇଗଲେ
ସ୍ମୃତିର ଶାମୁକା ସବୁ
          ମୋ ମନକୁ ଓଦା କରିଦେଲେ
ତୁ ପରା ଆସିବୁ ବୋଲି
          କହିଥିଲୁ ସାରସୀ ରେ !
ତାଳ ଓ ତମାଳ ବନେ ତମସାର ନୂପୁର ବାଜିଲେ
ଲବଙ୍ଗ ବନରେ ବସି
          ବେକ ଭାଙ୍ଗି କାପ୍ତା ବୋବାଇଲେ
ତୁ ପରା ଆସିବୁ ବୋଲି
          କହିଥିଲୁ ସାରସୀରେ
             ଖରାଯାଇ ବରଷା ଆସିଲେ ? ?
କେତେ ତ ବରଷା ଆସି ଚାଲିଗଲା
    ଅଳେଇଚ ଲବଙ୍ଗ ବନରେ
କେତେତ ନୂପୁର ବାଜି ଥମିଗଲା
          ତାଳ ଆଉ ତମାଳ ଛାଇରେ;
କାହିଁତ ଆସିଲୁ ନାହିଁ
          ସାରସୀରେ
ଭୁଲିଗଲୁ ଏତେ ରାଣ ନିୟମ ପକାଇ
          କହିଥିଲୁ ଆସିବାକୁ
ଆଖିଛୁଇଁ, ଓଠଛୁଇଁ
କାଳେ ତୁ ଆସିବୁ ବୋଲି
ବସିଛି ରେ ତୋ ପଥ ଅନାଇଁ ।।

●●

# ସୁବର୍ଣ୍ଣପୁରରେ ରାତ୍ରୀ

●

ମହାନଦୀ ପାରି ହୋଇ
ଅଂଧାରରେ ଜୁଡୁବୁଡୁ ହୋଇ
ବୋଉ ତୁ ଆସନ୍ତୁ ଟିକେ
କେତେବେଳେ ବେଳ ହେଲେ
ମୋ ଝରକା ଆଡ଼େ,
ଦେଖିଯାନ୍ତୁ ମୁଁ କେମିତି କଲବଲ ହୋଇ
ଅଲାଜୁକି ଫୁଲେଇ ସେ କୋଇଲି ଟା ଲାଗି
ଜଳୁଛି ଲୋ ହୁତୁ
          କେରିକେରି କୃଷ୍ଣଚୂଡ଼ା ହୋଇ;
ଦେଖିଯାନ୍ତୁ ବୟସର ବିଷମ ଖରାରେ
କେମିତି ଝୁରୁଛି ବସି ତୋରକ୍ତର ନଈଟିଏ
ଏ ନିସ୍ତବ୍ଧ ନିର୍ଜନ ରାତିରେ
ସାଗରର ସ୍ମୃତି ଆଉ ଶାମୁକାର ସ୍ୱପ୍ନ ସବୁ ଧରି
ତେଲନଦୀ-ମହାନଦୀ ମିଳନ ପୀଠରେ।।

ବୋଉ ତୁ ଆସନ୍ତୁ ଟିକେ
ଦେଖିଯାନ୍ତୁ ମୋ ନିବୁଜ କୋଠରୀ ଭିତରେ
ମୁଁ କେମିତି ବିକଳରେ ଚିତ୍କାର କରେ
କୋଇଲିର ଭୂତ ଦେଖି
ଅଂଧାରରେ ମୁଁ କେମିତି ଅଣ୍ଡାଳି ହୁଏ
ମୁଁ କେମିତି ଶୋଇ ପଡ଼େ
          ତୁନି ତୁନି ଜାକିଜୁକି ହୋଇ
ମୋ ଝରକା ଆକାଶରେ ଜହ୍ନମାନେ ଭଡ଼ିମୋଡ଼ି ହେଲେ
ମୁଁ କେମିତି ଆବେଗରେ ଆଉଜେଇ ଆଣେ
ପ୍ରବାଳର ଶୀତସବୁ ମୋ ଛାତିର ଇଲାକା ଆଡ଼କୁ

ମୁଁ କେମିତି ଥରି ଥରି, ଥିରି ଥିରି
କୋଇଲିର ଭୂତକୁ ପଚରେ
ମୋ ଲୁହର କଡ଼ା ଗଣ୍ଡା ପାଉଣା ଦେବାକୁ !
ବୋଉଟୁ ଆସନ୍ତୁ ଟିକେ, ଦେଖିଯାନ୍ତୁ
କହିଯାନ୍ତୁ ବୁଝାଇ ତାହାକୁ
ମୁଁ କେମିତି ତା ବିହୁନେ ଆଉ ମୋଟେ ଜୀଇଁ ପାରୁନାହିଁ
ମୁଁ କେମିତି ଜଳୁଛି ଲୋ ହୁତୁହୁତୁ
ପୋଡୁନାହିଁ-
ମୁଁ କେମିତି ତା ବିହୁନେ ଆଉ ମୋଟେ
ମରି ପାରୁନାହିଁ ।।

# ସନେଟ୍-୧

●

ସଂଜ ନଇଁ ଗଲା ଆକାଶ ତଳେ ତଳେ
ଛନ୍ଦ ହଜି ଗଲା ମୋ ମନ ବୀଣା ତଳୁ,
ନିଥର ଆକାଶରେ କୋଟିଏ ଦୀପ ଜଳେ
ଗୋଟିଏ ଦୀପ ଗଲା ଲିଭି ମୋ ମନତଳୁ।।

ଚକ୍ଷୁତଟୁ ଝରି ଯାଏ ଗୋ ଲୁହ ଧାରା
ବକ୍ଷ ଫୁଲି ଫୁଲି କୋହ ଯେ ଉଠେ ଖାଲି,
ମୋ ମନ ମରୁରେ ମୁଁ ହୋଇଲି ପଥହରା
ଏ ପଥେ ଆସିଗଲି ସିନା ମୁଁ ବାଟ ଭୁଲି।।
କେତେ କେ ନାଚି ଗଲେ, କେତେ କେ ଗାଇ ଗଲେ
ମୋ ମନବୀଣା ତାରେ ସେ ଯେଉଁ ମଧୁସୁର
ତୋଳି ମୁଁ ଗାଉଥିଲି ଅଧିରେ ନାଚୁଥିଲି
ଛିନ୍ନ ହୋଇ ଗଲା ଆଜି ଗୋ ସେଇ ତାର।।

ମରମ ଗୀତ ଆଜି ଗାଇବି କାହା ଆଗେ
ଗାଇଲେ କେ ଶୁଣିବ, ଗାଇବି କେଉଁ ରାଗେ??

●●

# ଗୋଲାପ ଓ କଣ୍ଟା

●

ତୁମର ବି ମନେଥିବ ବୋଧେ
କେଉଁ ଏକ ଅନାମିକା ଅଳସ ଉଷାରେ
ତୁମେ ମୋତେ ଯାଚି ଥିଲ
ଅନାଘ୍ରାତ, ଅନୁମ୍ଳିତ ଗୋଲାପ ଗୋଟିଏ
ମୋ ମନର ପାପୁଲିରେ
ମୁଁ ତାହାକୁ ଧରିଥିଲି ଆଦର ସୋହାଗେ,
ଛାତି ପାଶେ ଚପି ଧରି
ମୋହାବେଶେ ବୁଜି ଥିଲି ଆଖି।।୧
ଅକସ୍ମାତ୍ ଅନୁଭବି ଯନ୍ତ୍ରଣା କିଛି
ମୋ ମନର ପାପୁଲି ଉପରେ
ଅଜାଣତେ ଖୋଲି ଦେଲି ଆଖି
ମୁଁ ଦେଖିଲି
ଖାଲି ସେଠି ଗୋଲାପର ଲହୁ,
କଣ୍ଟାଟି ଯାଇଛି ଗଳି ବହୁତ ଭିତରେ
ଗୋଲାପ ଲୋଟୁଛି ତଳେ
ଇତସ୍ତତଃ ହୋଇ।।
ସହସା ଦେଖିଲି ପୁଣି
ତଳୁ ତୋଳି ଗୋଲାପର ପାଖୁଡ଼ା ଗୁଡ଼ିକ
ଅତି ଯତ୍ନେ ଯୋଡ଼ି ତା'ରେ
ତୁମେ ପୁଣି ଗଢୁଅଛ
ଆଉ ଏକ ଜୀର୍ଣ୍ଣ ଶୀର୍ଣ୍ଣ
ଗୋଲାପ ପ୍ରତିମା,

ସେ ପ୍ରତିମା ନେଇ ତୁମେ
ମୋତେ  କରି କ୍ଷତାକ୍ତ ଆକୁଳ
ମୋ ଆଗରେ ବାଢ଼ିଦେଲ
ଆଉ କା'ର ଭୋକିଲା ହାତରେ।।

ମୋ ମନର ପାପୁଲିରେ
ସେ କଣ୍ଟାଟି ସେମିତି ରହିଛି,
ଯନ୍ତ୍ରଣା ବି ଅସହ୍ୟ ହେଲାଣି
ବହୁତ କରୁଛି ଚେଷ୍ଟା
କାଢ଼ି ତାରେ ଫିଙ୍ଗି ଦେବି ଯନ୍ତ୍ରଣାର ଉପସମ ହେବ,
କିନ୍ତୁ ହାଏ ପାରୁନି ଜମାରୁ
କାଢ଼ିବାକୁ କରିଲେ ଉଦ୍ୟମ
ଖାଲି ଯାହା ଯନ୍ତ୍ରଣା ବଢୁଛି।।

●●

# ଭିକ୍ଷାଂ ଦେହି

●

ମଥା ରଖି ମରଣର ଶୀତଳ ବୁକୁରେ
ଶାନ୍ତେ ମୁଁ ଗୋ ପଡ଼ିଲେ ଘୁମେଇ,
ଚକ୍ଷୁତଟ ସିକ୍ତ କରି ଦେ ତବ
ଲୁହ ପଛେ ନ ଢ଼ାଳିବ ନାହିଁ;
ମୋ କବର ପାଶେ ଆସି
ଗୋପନରେ ବସିବ ନିମିଷେ,
ଘନକୃଷ୍ଣ କବରୀରୁ ମୁକୁଳାଇ ମଲ୍ଲିକା ଏକ
ଦେବ ତା'ରେ ଗୋଟିଏ ଚୁମ୍ବନ,
ସେ ପାଇବ ଜୀବନ୍ୟାସ ଯେବେ
ନେଇତା'ରେ ଥୋଇ ଦେବ ମୋ କବର ପରେ,-
-ଆଉ କିଛି ଲୋଡ଼ା ନାହିଁ ମୋର
ଶାନ୍ତେ ମୁଁ ଶୋଇଯିବି ଗହମ ନିଦରେ ।।

●●

# ଆଶା

●

ଏହା ଯଦି ସତ ହୋଇଥାଏ
"ହାତୀ ଥିଲେ ଗହନ ବନରେ
ସିଏ ଏକା ରାଜାଙ୍କ ସଂପତ୍ତି
ଆଉ ଗୋଟେ କାହାର ସେ ନୁହେଁ";
-ତେବେ ଆଜି
ସେଇ ଆଶା ନେଇ
ମୁଁ ବଂଚିଛି
ଓ ବଂଚିବି ଯୁଗ ଯୁଗ ଧରି।

●●

# ମୀରା

●

ହେ ରୂପସୀ ଅନନ୍ତ ଯୌବନା,
କିପରି ଗୋ ଭୁଲିଗଲ
ବୟସର ଡ଼ାକ,
ଲିଭାଇଲ କିପରି ଗୋ
କାମନାର ଜ୍ୱାଳା;
କିପରି ଗୋ କୁହ ତୁମେ
ଉପେକ୍ଷିଲ ଅନନ୍ତ ଯୌବନେ
ତପସ୍ୱିନୀ ସଂଜମ ଆଚରି ?
ଏହା କି ଗୋ ଥିଲା ତବ
ଜୀବନରେ ଭିକ୍ଷା–
ବିରହର ଅଲିଭା ଅଗ୍ନିରେ
ତିଳେ ତିଳେ ଜଳାଇ ନିଜକୁ
ଅଦିନରେ ପଡ଼ିବାକୁ ଝରି।। ? ?

●●

# ଶିଶିର

●

ଆକାଶର ଟୋପା ଟୋପା ଲୁହ ଦେଖି
ମୁକ୍ତା ବୋଲି ଭ୍ରମ ହେଲା ମନେ,
ତୋଳି ନେଲି- ବୋକ ଦେଲି ତା'ରେ,
ନିରେଖି ଦେଖିଲି ପୁଣି
ସେଥିରେ ନେଇଛି ରୂପ
ଅନ୍ତହୀନ ଆକାଶର ଅୟୁତ ବେଦନା

ମୁଁ ହେବି ଆକାଶ
ଆଉ ତୁମର ବି ଭ୍ରମ ହେଉ ମନେ,
ଦେଖିପାର ମୋର ଆଖି ନେଇ
ସ୍ରଷ୍ଟା ପାଶେ
ଏତିକି କାମନା।।

●●

# ତାଜମହଲ

●

କେବେ କି ବନ୍ଧୁ ହେ ନିରେଖି ତା'ର ପାଶେ
ଦେଖିଛ ସରାଗରେ ତା' ରୂପ ବିଜନରେ
ସେ ଶୀଳା ରୂପରେଖ କେବେ କି ଦେଖି ତୁମେ
ଚକିତେ ପୁଲକିତ ହୁଅନି ମନେ ମନେ ? ?
ଯମୁନା ତଟ ପରେ ନିଇତି ରାତି ହେଲେ
ସେ ଯେଇଁ ନାରୀ ଛାୟା ତାଆରି କୂଳେ କୂଳେ
ତ୍ରସ୍ତ ଚରଣରେ ବ୍ୟସ୍ତ ନୟନରେ
ଖୋଜି ଗୋ ବୁଲୁଥାଏ କାହାରେ ମନେ ମନେ ।।
ସେତିକି ବେଳେ ସେଇ ଯମୁନା ନୀଳ ଜଳ
ଚମକି ଉଠେ ଧିରେ ହୋଇଣ କଳକଳ
ସେ ଜଳୁ ଉଠିଆସି କାହାର ଛାୟା ରୂପ
ନିବିଡ଼େ ଆଶ୍ଳେଷି ଧରେ ସେ ନାରୀ ରୂପ ।।
ତୁମେ କି ଜାଣ ସାଥି ସେ ଯେଉଁ ଦୁଇ ଛାୟା
ନିଇତି ରାତି ହେଲେ ସେଇଠି ଉଭାହୋଇ
ହୃଦୟ ଦିଆନିଆ ଗୋପନ କଥାଭାଷା
ହେଉ ଗୋ ଥାଏ ସେଠି ସରିବା ଯାଏ ନିଶା ।।
ତା'ଙ୍କୁ କି ଚିହ୍ନି ନାହିଁ ସେ ଯେଉଁ ଦୁଇଛାୟା
ଗୋଟିଏ ମମତାଜ ଆରଟି ଶାହାଜହାଁ ।।

●●

# ସମ୍ବଲପୁର ଜେଲ୍‌ରୁ

●

ଏଠି ଖାଲି ଦେହ ଅଛି,
ମନ ନାହିଁ
ପ୍ରାଣ ଅବା ଆସିବ କୁଆଡୁ;
ଗଛ ଅଛି ଫୁଟିଛି ବି ଫୁଲ
ଗନ୍ଧ ନାହିଁ
ଚମକ ବା ଆସିବ କୁଆଡୁ ?

ଏଠି ଏଇ ଚେନାଏ ଆକାଶେ
ଉଡ଼େ ନାହିଁ ମେଘର ପଣତ
ନୀଳ ଦିଶେ ଠିକ୍ ତୁମ ଓଢ଼ଣୀର ପରି;
ତଥାପି ବି ରାତ୍ରି ଆସେ ଏଠି
ଆସେ ପୁଣି ମତୁଆଲା ହୋଇ
ତୁମ ଆଖି ଉପକୂଳୁ କଜ୍ଜଳ ମାଖି।।

ଏ ଆକାଶ ନିଥର ଛାତିରେ
ତାରା ଫୁଲ ପଡ଼େ ଝରି ଝରି,
କୋଳାହଳ ଶୋଇପଡେ
ସତେ ସିଏ ଶୋଇପଡ଼େ
ତୁନି ତାନି ଗହମ ନିଦରେ;
ଅଦୂର ସେ କାକ ଜ୍ୟୋସ୍ନା ତଳେ
ନାମ ଜଣା କଏଦୀଟି
ଗାଇଉଠେ ବ୍ୟଥାଭରା କରୁଣ ସଂଗୀତ;

ଛନ୍ଦହରା ହେଲେ ବି ତା
ଭଲଲାଗେ ଭାରି ଭଲଲାଗେ
ତନ୍ଦ୍ରାହରା ଏ ଆଖିରେ ଟାଣିଦିଏ ନିଦର ପଣତ।।

ସପନର ଫୁଲ ଫୁଟେ,
ତୁମେ ଆସି ବସ ମୋ ପାଖରେ
ଚୁପ୍ ଚାପ୍ ନିହାତି ଗମ୍ଭୀର
କଥା ମୋତେ କୁହନାହିଁ
ଖାଲି ଯାହା ମଝିରେ ମଝିରେ
ମନହେଲେ ଫିକ୍ ଫିକ୍ ହସ।।
ଇଙ୍ଗିତ ଦିଅ ମୋତେ ଥର ଥର ନୀରବ ଆଖିରେ
ଯିବାକୁ ଗୋ ଚାଲି ଏଠୁ
ତୁମ ସାଥେ ଦୂରେ ବହୁଦୂରେ
ରାଜି ହୁଏ ତୁମରି କଥାରେ,
ହାତଧରି ଉଠାଇଲେ ତୁମେ
ନିଦ ମୋର ଭାଙ୍ଗିଯାଏ
ଉଠି ବସେ ଅଖି ମଳି ମଳି,
ତୁମେ କିନ୍ତୁ ନଥାଅ ମୋ ପାଶେ।।
ଶୋଇ ଶୋଇ ଦେଖେ ଖାଲି
ଚାରିଆଡ଼େ ନୀରବ ଅନ୍ଧାର,
କାକେଜ୍ୟାସ୍ନା କେତେବେଳୁ ମଳିନ ହେଲାଣି,
ଆକାଶରେ ଫୁଟିଲାଣି
ଟିକି ଟିକି ତାରା ଫୁଲ କେତେ,
କଏଦୀଟି କେତେବେଳୁ
ଗଛତଳେ
ଶୋଇପଡ଼ିଲାଣି।।

●●

# ମୋର ଆଖି ତୁମର ମନ

●

ଏତେ ଲୁହ ଝରିଗଲା
ଆକାଶ ଅଖିରୁ,
ସାରୁପତ୍ର ଯେମିତି ସେ
ସେମିତି ରହିଲା;
କାହିଁ ସେତ କାନ୍ଦିଲାନି ଆକାଶ ପାଇଁକି,
ଥରିଥରି,ଫୁଲିଫୁଲି
ସେତ କାହିଁ କହିଲା ନି
ମୁଁ କି ସାଥି ନାହିଁ ତୁମ ପାଇଁ କି ?

ସାରୁପତ୍ରୀ ମନନେଇ
ତୁମେ ଜୀଅଁ
ଯୁଗ ଯୁଗ ଧରି
ମୋହର ତ ନାଇଁ ଗୋ ଶୋଚନା,
ଆକାଶର ଆଖିନେଇ ମୋତେ ବି ତ
ବଂଚିବାକୁ ଦିଅ
ସ୍ରଷ୍ଟା ପାଶେ
ଏତିକି କାମନା ।

●●

# ନୂତନ ଆକାଶ ଓ ନୂତନ ସାଗର

●

ମୁଠା ମୁଠା
ହସ ଢ଼େଉଭରା
ଇଏ ଏକ ନୂତନ ସାଗର,
କଛି ରଂଗ
ଡାଳିମ୍ବ ଫୁଲର
ଆଉ କିଛି
ଲଜ୍ଜାର ନାରଙ୍ଗ।।
ଗୁମ୍ଫିତ କାମନାର
ଇଏ ଏକ ନୂତନ ଆକାଶ,
କିଛି ରଙ୍ଗ
ଅପରାଜିତା'ର
ଆଉ କିଛି
ଅଶ୍ରୁର ମେଘ।।

●●

# ଜହ୍ନ କୁ

●

ସଭିଁଏ ଡାକନ୍ତି ତାକୁ
ସଭିଁଏ ଚାହାଁନ୍ତି ତାକୁ,
ସବୁ ଶୁଣି ସବୁଦେଖି ସିଏ
ତଥାପି ନୀରବ ରହେ
ଆଶେ ନାହିଁ କାହାପାଶେ ଧାଇଁ
କୁନି,ଟୁନି ଅବା କଇଁଫୁଲ
ସତେ କିଛି ନ ଜାଣିଲା ପରି।।
        କୁନି ଜାଣେ ଭଲକରି ଅତି,
        ଶଶୀତାର ତା ହାତରେ ପଡ଼ିବନି
        ପଡ଼ିବନି ଖସି,
        ତଥାପି ସେ ହାତ ପାତେ
        ଆଖିଠାରି ଡାକେ ତାରେ ନିତି।
କଇଁ ଜାଣେ କୁନିଠାରୁ ବଳି
ପ୍ରିୟ ତା'ର ଆସିବନି ଆସିବନି ପାଶେ,
ତଥାପି ସେ କଇଁ କଇଁ କାନ୍ଦେ
ହାତପାତି ନିଥର ଆକାଶେ।।

●●

# ଅନୁରୋଧ

●

ଛନଛନ ତା'ରୂପର ପସରା ମେଲାଇ
ସେଇ ଯେଉଁ ଫୁଟିଅଛି ଫୁଲ,
ଏ ଗଛର ଡାଳେ ଡାଳେ ଭୁରୁ ଭୁରୁ ମହକ ଛୁଟାଇ,
ତା ରୂପର କିଏ ଅବା ହେବ ସମତୁଲ ?
ତୋଳି ଆଣି ରଖିବାକୁ ପାଶେ
ମୁଁ କରୁଛି ଅନେକ ଉଦ୍ୟମ।
ହାତ ମୋର ପାଉନାହିଁ
ଏତେ ଦୂରେ ସିଏ ଯେ ଫୁଟିଛି,
କେମିତି ବା ଧରିବି ତାହାକୁ
ଏତେ ଛୋଟ ହୋଇ ଯେଣୁ ଜନମହୋଇଚି।

ତେଣୁ ହେ ପଥିକ ଯାର ପାଉଅଛି ହାତ
ତୋଳି ନିଅ ନିଜପାଶେ ଆପତ୍ତି ମୋ ନାହିଁ,
ସେନେହ ସରାଗ ଦେଇ ରଖ ତାକୁ ପାଶେ
ତୁମରି ସେ ହୋଇ ରହୁ ଚିରଦିନ ତୁମରି ମାନସୀ।।

କିନ୍ତୁ ମୋର ଅନୁରୋଧ ଏତିକି ତୁମକୁ
ବନ୍ଧୁହେ ତାକୁ ମୋଟେ ଛୁଇଁବନି ଜମା,
ବୋକତାରେ ଦେବ ନାହିଁ ଛାତି ପାଶେ ଜାକି
ନିହାତି କୋମଳ ସିଏ ଥରିଥରି ଝରିଯିବ ସିନା।

ଫୁଲଦାନୀ କବରୀରେ ଖୋସି
ତାକୁନେଇ ସାଇତିବ ନିହାତି ଯତନେ
ସେଠୁ ସେ କହିବ କଥା ତୁମ ସାଥେ ହସି
ତୁମେ ବି କହିଲେ ସିଏ ଶୁଣିବ ମଉନେ।
ସେଇଠି ହସିବ ସିଏ ତାକୁ ସେଠି ଝରିବାକୁ ଦେବ
ଶୁଖି ଶୁଖି ଯେଉଁଦିନ ତୁମକୁସେ ମେଲାଣି ମାଗିବ।।

●●

# ତୁମେ ଆସ

●

ମୃତ୍ୟୁ ସମ ତୁମେ ଆସ
ଏ ଜୀବନେ ମମ,
ପ୍ରଣୟର କୁସୁମ ଫୁଟାଇ
ବସନ୍ତର ସୁରଭି ଛୁଟାଇ,
ନୟନରେ ମଦ୍ୟ ଭରି
ଅଧରରେ ହାସ୍ୟ ତୋଳି,
ପ୍ରଥମ ଓ ଶେଷଥର ଲାଗି
ଲୁଟିନିଅ ସବୁକିଛି ମୋର;
- ସବୁ ରସ,
ସବୁ ଗନ୍ଧ,
ଏ ଜୀବନେ
ଯାହାସବୁ ସାଇତି ରଖିଛି।

●●

# ଅଜାଣତେ

●

ଭାବି ଥିଲି ଦିନେ ତୁମରି ଚକ୍ଷୁ ସାଥେ
ଏ ମୋର ଚକ୍ଷୁ ମିଳିବ ନାହିଁ ଗୋ କେବେ
କିନ୍ତୁ ମୋ ଅଜାଣତେ
ମୋର ଏ ଚକ୍ଷୁ ମିଳିଗଲା ଆଜି
ତୁମରି ଚକ୍ଷୁ ସାଥେ ।।
ବାସନା ଭରା ସେ ଛଳ ଛଳ ଅଖି
ପାଗଳ କରିଲା ମୋତେ
ସଦା ଚଞ୍ଚଳ ଆଖିପତା ଦୁଇ
କହିଗଲା କଥା କେତେ ।।
ନିମିଷକ ପରେ ଦୃଷ୍ଟି ପଥ ମୋ
ନଇଁଗଲା ସଖି ନଇଁଗଲା
ସେଇ ନିମିଷକ ଚକ୍ଷୁ ମିଳନେ
ହୃଦେ ମୋ ବାସନା ଭରିଗଲା ।।

●●

# ଏ ମନ ବି ସ୍ୱପ୍ନ ଦେଖେ

●

ମୋ ଆଖିର ଆକାଶ ଉପରେ
          ଅନାହୁତେ
ଏଇମିତି କେତେ ମେଘ ଆସି
ଜମାନ୍ତି ଆସର ନିତି,
ମୋ ମନର କେକୀ ନାଚେ
ଚାତକର ତୃଷ୍ଣା ବଢ଼େ ଖାଲି;
ସବୁ ମେଘ ବରେଷେନା
ମରିଯାଏ କେକୀର ସୁହାଗ,
ସବୁ ଫୁଲ ଫଳ ତ ହୁଏନା
ସବୁ ସ୍ୱପ୍ନ ସତ ବି ହୁଏନା,
ତଥାପି ବି ଫୁଲ ଫୁଟେ
          -କେକୀ ନାଚେ
ଏମନ ବି ସ୍ୱପ୍ନ ଦେଖେ ନିତି ।

●●

# ଜ୍ୱଳନ

●

ଜ୍ୱଳନରେ
କେତେ ଯେ ଆନନ୍ଦ ସତେ,
ଆଉ ପୁଣି କେତେ ଯେ ଅମୃତ;
ଜଳି ଜଳି ଆଜି ସିନା ପାରୁଛି ମୁଁ ଜାଣି।
ଅନୁଭବ କରୁଛି ବି ଆଜି
ଏ ଜୀବନ ହାଏ ସତେ
କେତେ ମଧୁମୟ।।
ଚାଖିବାକୁ ଚାହଁ ଯଦି
ଜୀବନର ସ୍ୱାଦ ପଳେ ପଳେ,
ଜଳିବାକୁ ଚେଷ୍ଟା କର
ମୁଁ ଯେମିତି ଜଳୁଅଛି ଆଜି
ତିଳ ତିଳ ପଳ ପଳ ହୋଇ।।
ତୁମର ସେ ଜ୍ୱଳନରେ
କେହିପଛେ ନ ପାଉ ଆଲୋକ
ସହାନୁଭୂତିର ଅଶ୍ରୁ ତୁମଲାଗି
କା ଚକ୍ଷୁରୁ ନପଡ଼ିଲେ
ନ ପଡୁ ହେ ଝରି,
ତୁମେ ଖାଲି ଜଳିଯାଅ ଜଳିବାର ଧର୍ମନେଇ
ଯିବା ଯାଏ ଇଂଧନ ସରି।।

●●

# ତୁମେ ଆସିଥିଲ

●

ଆଜି ତନ୍ଦ୍ରା ଜଡ଼ିତ ନୟନେ
ତୁମେ ଆସିଥିଲ ମୋର ସପନେ,
କେତେ ଆଶାର କୁସୁମ ଫୁଟାଇ
କେତେ ମଧୁର ସୁରଭୀ ଛୁଟାଇ ।।
ତୁମ ପଥ ସିନା ଅନୁସରି ଗୋ
ଯାଇ ମିଳିଲି ତୁମରି ପାଶେ ଗୋ,
ତୁମ ନାମ ଧରି ଯେବେ ଡାକିଲି
ତୁମେ ଚମକି ଚାହିଁଲ ଦେଖିଲି ।।
ହାଏ ଠିଇକି ସେତିକି ବେଳେ ଗୋ
ମୋର ସପନଟା ଗଲା ଭାଜି ଗୋ,
କୁହ କାହିଁକି ଆସିଲ ସପନେ
ଏତେ ଦୁଃଖ ଦେଇଗଲ ମରମେ ।।
ତୁମେ ଆସିଥିଲ ଫୁଲ ଫୁଟାଇ
ତୁମେ ଚାଲିଗଲ ଫୁଲଫୁଟାଇ,
ସାଥେ ସପନ ମୋ ନେଲ ଚୋରାଇ
ମୋତେ ଅଶ୍ରୁ ସାଗରେ ଭସାଇ ।।

●●

# ଶରବ୍ୟ

●

ମନର କପୋତ ଆଜି
ହୋଇଛି ଶରବ୍ୟ ସଖି
ତୁମ ତୀକ୍ଷ୍ଣ କଟାକ୍ଷର ତୀରେ,
ଧନ୍ୟ ତୁମ କଟାକ୍ଷର ଶର
ନିକ୍ଷେପିଣ ମାତ୍ର ଏକଗୋଟି
ବିଦ୍ଧକଲ ନିରୀହ ତନୁରେ,
ଅରଜିଲ କିବା ଯଶ ଜାଣିତ ପାରୁନି
ତଥାପି ତ ଧନ୍ୟ ତୁମେ
ଧନ୍ୟ ତୁମ ଶରର ସଂଧାନ।।
ଦୁର୍ବିସହ ହେଲାଣି ଜୀବନ
ସେ କ୍ଷତର ତୀବ୍ର ଯନ୍ତ୍ରଣାରେ
ନୟନରୁ ନିଦ୍ରାତ ଗଲାଣି
ତଥାପିତ ଜାଗ୍ରତ ନୟନେ
ସ୍ୱପ୍ନ ରଚେ ବ୍ୟର୍ଥ ଅଭିସାର,
ମୃତ୍ୟୁର ମୁହାଣେ ଲେଖି
ଜୀଇଁବାର ଆଲେଖ୍ୟ ମଧୁର।।
କେତେ ଦିନ ଆଉ କେତେ ଦିନ
ଯନ୍ତ୍ରଣାରେ ପଖାଳି ଏ ତନୁ
ଲେଖୁଥିବି ହତାଶାର କାବ୍ୟ,
କେବେ କଣ ହେବନି ସମାପ୍ତ
ଏଇ ତିକ୍ତ ଯନ୍ତ୍ରଣାର ଧାରା;
କେବେ କଣ ତୁମେ ନିଜେ ଆସି
ଶରମୁକ୍ତ କରି ଏଇ ତନୁ
ତୋଳି ନେଇ ବୁକୁ ପାଶେ ତବ
କରିବନି ତାରେ ଆତ୍ମହରା ? ?

●●

# ସନେଟ୍-୨

●

ନିହାତି ଯେ ପର ତାକୁ ଆପଣାର କଲେ
ଏ ତେ ଖୁସି ଲାଗେ ବୋଲି ଜାଣିତ ନଥିଲି,
ନିହାତି ଅଦେଖା ଯିଏ ତାକୁ ନିତି ସପନେ ଦେଖିଲେ
ଏତେ ନିଦ ଲାଗେ ବୋଲି ଭାବିତ ନଥିଲି।।୧

ଜାଣିତ ନଥିଲି କେବେ ଏତେ ସତେ ମିଳେ ବୋଲି ଶାନ୍ତି
ତା' ଲାଗ ହସିଲେ ନିତି ତା'ଲାଗି ବି ଢାଳୁଥିଲେ ଲୁହ,
ଭାବିତ ନଥିଲି କେବେ କାହିଁକି ଯେ ଆସେ ନାହିଁ କ୍ଳାନ୍ତି
ତାଆ କଥା ଭାବି ଭାବି ଉଜାଗରେ ରାତି ଗଲେ ବିତି।।୨

ଶୁଣିତ ନଥିଲି କେବେ ଏ ଆଖିରେ ଏତେ ରଙ୍ଗ ଲାଗେ
ତା' କଥା ଭାବିଲେ ବସି ଟିକେ ଟିକେ ପଛକୁ ଅନାଇ,
ଦେଖିତ ନଥିଲି କେବେ ମନେ ପୁଣି ଏତେ ଫୁଲ ଫୁଟେ
ତା'ଛବି ଲେଖିଲେ ବସି ଅନାବନା କାଗଜେ ଗାରେଇ।।୩

ତୁମେ ଯିଏ ଏ ଜୀବନେ ମୋତେ ଏତେ ଅନୁଭୁତି ଦେଲ
ଚିର ଦିନ ଫୁଟିଥାଅ ମୋ ମନରେ ହୋଇ ଏକ ଫୁଲ।

●●

# ମୁଁ

●

ସନ୍‌ଚିତ ଯେତକ ବେଦନା
ମନତଳେ ଗୁଂଜରି ଉଠେ
ରନ୍‌ଜିତ୍ ଅଜସ୍ର ରଙ୍ଗରେ
ଜୀବିତ ମୋ ମନ କାନ୍ଦି ଉଠେ।।

ତମିସ୍ରିତ ମନର ଆକାଶେ
ପରଝାଡ଼େ ନିରାଶାର ପକ୍ଷୀ
ଟପ୍ ଟପ୍ ଲୁହ ଝରିପଡ଼େ
ନାରଙ୍ଗିତ ଆଖିର ଓଠରୁ
ଏ ଜୀବନ ଲାଗେ  ଦୁର୍ବିସହ
କହିବି ବା କାହା ଆଗେ ଖୋଲି।।

●●

( ଏ କବିତାର ପ୍ରତେକ ଧାଡ଼ିର ପ୍ରଥମ ଅକ୍ଷରକୁ
କ୍ରମାନ୍ନୟରେ ସଜାଇ ରଖିଲେ କବିଙ୍କ ନାମକୁ ବୁଝାଇବ)

# କଳ୍ପନା

●

ଯିଏ ମୋତେ ନେଇ ତାର ମନ ଉପବନେ
ଫୁଟାଇଛି ନିତି ନିତି କେତେ ଆଶାଫୁଲ,
ତା ନୟନେ କର ଏକ ଅଶ୍ରୁଧାର ମୋତେ
ତା ନୟନୁ ଝରିବାକୁ ଦିଅ ଅବିରତ ।।
ମୋ ବିରହେ ସିଏ ଯେବେ ଗୋପନରେ ବସି
ଖୋଜୁଥିବ ମୋତେ ତାର କଳ୍ପନା ମନ୍ଦିରୁ
ସେ ବେଳେ ତା ଅଜାଣତେ ମୁଁ ପଡ଼ିବି ଖସି
ଝର ଝର ହୋଇ ତା'ର ଆଖିର ପ୍ରାନ୍ତରୁ

●●

# ପ୍ରତୀକ୍ଷା

●

ନିତି ନିତି କେତେ ଚିଠି ଆସେ
ସାଂଗ ସାଥୀ
ଛୋଟ ଭାଇ ଭଉଣୀର ଠାରୁ
ସେଇ ମାତ୍ର ବହି ଘୋଷା କେତେ ଗୋଟିଧାଡ଼ି
ପ୍ରଣାମ ଜାଣିବ
ଆଶା ଭଲ ଥିବ ତୁମେ,
ଚିଠି ପାଇ ଚିଠି ଦେବ।
ଆସନ୍ତା ଛୁଟିରେ ଯେବେ ଘରକୁ ଆସିବ
ମୋ ପାଇଁ ଆଣିବ ବହି
ପେନ୍ ସିଲ ଫାଉଣ୍ଟେନ ପେନ୍
- ଏହି ପରି କେତେ ଅଳି
କେତେ ଯେ ବରାଦ।
ଯଦିଓ ବା ଭଲ ଲାଗେ
ପଢ଼ିବାକୁ ଏଇ ଚିଠି ସବୁ
ନ ଥିଲେ ନଥାଉ ସେଥି ନୂତନତା କିଛି।.

ତଥାପି ଏ ମନ ସବୁବେଳେ
ଚ୍ହହିଁ ରହେ ଗୋଟିଏ ଚିଠିକୁ
ଯେଉଁ ଚିଠି ଆସେ ନାହିଁ ଜମା
ଚ୍ହହିଁ ଚ୍ହହିଁ ଥକେ ଆଖିପତା।
ତଥାପି ଏ ଅଝଟିଆ ମନ
ନିତି ନିତି ସାୟାହ୍ନ ଲଗନେ
ସେ ଚିଠିର ଅପେକ୍ଷା ରଖେ
ମନେ ବହି ଅନୁତପ୍ତ ଆଶା।

●●

# ନୂଆ ପୁରୁଣା

●

ନୁତନରେ ଲାଗେ ନାହିଁ ଭଲ
ପୁରାତନେ ମନେ ପଡ଼େ ଖାଲି,
ତଥାପି ତ ଭୁଲିବାକୁ ହେବ
ପୁରାତନେ ଗଲାଣି ଯା ଚଳି।

ଆଜି ଯାହା ଦିଶଇ ନୂତନ
ଧରଣୀର ପ୍ରତିଟି ଆଖିରେ
କାଲି ତାହା ହେବ ପୁରାତନ
ଧରଣୀର ପ୍ରତିଟି ଓଠରେ।

ଆଜି ଯାହା ଅଟେ ପୁରାତନ
ଧରଣୀର ପ୍ରତିଟି ଓଠରେ,
କାଲି ତାହା ଥିଲା ଗୋ ନୂତନ
ଧରଣୀର ପ୍ରତିଟି ଆଖିରେ।

ନୂତନର ପୁରାତନେ ପ୍ରୀତି
ଅଟେ ଏଇ ଧରଣୀର ନୀତି।

●●

# ସନେଟ୍-୩

●

ହେ ଆକାଶ କାନ୍ଦନା କାନ୍ଦନା ଆଉ
ମୋ ଅତୀତ ଶୋଇ ଅଛି ଗହମ ନିଦରେ
ନିହାତି ଅବୁଝା ସିଏ ଅଝଟିଆ ଛୋଟ ପିଲାଟିଏ
ଥରେ ସେ ଉଠିଲେ ଆଉ ବୁଝିବନି କାହାରି କଥାରେ ॥

ଏବେ ବି ତ ମନେ ଅଛି ଲାଗେ ସବୁ କାଲି କଥା ପରି
ଏ ଅତୀତ ହସିହସି ଆସିଥିଲା ପାଶେ
ହାତଧରି ଓଠ ଧରି କହିଥିଲା ଅନେକ ବୁଝାଇ
ଏଇମିତି କେତେ କଣ-'ମୁଁ ତୁମକୁ କେତେଭଲପାଏ ॥

ତା କଥାରେ ହସିଲି ମୁଁ ମନଭରି ତୃପ୍ତିର ହସ
ସେ କିନ୍ତୁ ହସିଲା ନାହିଁ ମନଭରି କାନ୍ଦିଲା ଖାଲି
ମୋ ଛାତିରେ ମଥାରଖି କଇଁକଇଁ ନିହାତି ବିକଳେ
ଆଉ ସେ ବୁଝିଲା ନାଇଁ ସେଇ ଦିନୁ କାନ୍ଦିଲା ଖାଲି ॥
ସେଇଦିନୁ କାନ୍ଦୁଛି ମଥାରଖି ମୋଛାତିରେ
ମୋ ମନରେ ସିଏ
ଆଜି କିନ୍ତୁ ଶୋଇଛି ସେ ଶୋଇପଡୁ
ତାକୁ ଆଉ ଉଠାଅନା କିଏ ॥

●●

# ତିନୋଟି ପ୍ରଶ୍ନ

●

ଯା ଆଖି ଦୁଇଟି ହାଏ
ଏଡ଼ିକି ସରଳ ଆଉ ଏମିତି ନିରୀହ
ତା ଆଖିରେ ଦୁନିଆଁକୁ
ଦେଖୁଥିଲେ ନିତି
ଏ ଦୁନିଆଁ ନଲାଗିବ କେତେ ମଧୁମୟ ??

ଯା ଓଠର ନରମ ଦଳରେ
ଗୋଧୂଳିର ଅରୁଣିମା ଏତେ
ତା ଓଠରୁ ନିଇତି ନିଇତି
ହସ ହୋଇ ପଡୁଥିଲେ ଝରି
ଭଲ କାରେ ନଲାଗିବ ସତେ ??

ଯା ଚିବୁକେ କମ୍ପନ ଏତେ,
ଏତେ ରଂଗ ମଧୁ ଚନ୍ଦ୍ରିକାର
ସେଠି ଟୋପେ ଅଂଧାର ହୋଇ
ଜଡ଼ିଗଲେ
ସତେ କଣ ହେବନି ତା
ଜୀବନର ପରମ ଗୌରବ ??

●●

# ଚାହିଁଥିଲି

●

ଚାହିଁଥିଲି ଫୁଟିବାକୁ ଫୁଲ ହୋଇ ତୁମ ପଥଧାରେ
କିଂଶୁକ ସମ ନୁହେଁ- ଶୁଭ୍ର ଏକ ମଲ୍ଲିକା'ର ସମ
ସୁରଭିତ କରି ପଥ-ମୋ ତନୁରୁ ସୁରଭୀ ଅଜାଡି
କିନ୍ତୁ ମୁଁ ନଥିଲି ଜାଣି ତୁମେ ହେବ ଏତିକି କଠିନ ॥

ସେ ପଥରେ ଯାଉଁ ଯାଉଁ ପଦପ୍ରାସ ପାଇଥାନ୍ତ ଯଦି
ମୋ ତନୁର ପାଖୁଡ଼ା ପରଶେ କରିଥାନ୍ତି ଯନ୍ତ୍ରଣାର ଦୂର
କେବେ ଯଦି  କ୍ଲାନ୍ତ ହୋଇ ଅକସ୍ମାତେ ପଡ଼ିଥାନ୍ତ ଢଳି
ମୋ କୋମଳ ଶୁଭ୍ର ଅବୟବେ ଦେଇଥାନ୍ତି ଅଚିରେ ଆଶ୍ରୟ ॥

ତୃଷାରେ ଆକୁଳ ହୋଇ କେବେ ଯଦି ଉନ୍ମାଦିନୀ ସମ
ଲୋଡ଼ି ଥାନ୍ତ  ଟିକେ ଜଳ ମରୁମୟ ଜୀବନ ପଥରେ ,
ମୋ ତନୁ ଚିପୁଡି ମୋହେ ମଧୁମୟ ଜାହ୍ନବୀ ଧାରା
ଉତ୍ପ୍ଲାବି ଛୁଟାଇ ଥାନ୍ତି ସାହାରାର ଧୂସର ବୁକୁରେ ॥

ତୁମେ ସିନା ଦଳି ଦେଲ ତଥାପି ମୁଁ ମରିବିତ ମରି ପାରିନାହିଁ
ଧୂଳିରେ ଯାଇଛି ମିଶି ପୁଣି ତୁମେ ଚାହଁ ଯଦି କେବେ
ପୁଉଣି ଉଠିବି ଫୁଟି ତୁମଲାଗି ଶୁଭ୍ର ଏକ ମଲ୍ଲୀକା ହୋଇ
ସେଇ ପଥେ ସତେ ସଖୀ
ତୁମ ଲାଗି , ତୁମ ଲାଗି ଖାଲି।।

●●

# ତୁମକୁ ପଦେ

●

ନିହାତ ନିବିଡ଼ କରି ମତେ ଯଦି ପାଇବ ଗୋ ଭଲ
ଆକାଶର ତାରା ଗଣି ତନ୍ଦ୍ରାହରା ନିଶୀଥ ପୁହାଇ
ବିତିଯିବ ଅଜସ୍ର ରଜନୀ, କ୍ଷୀଣ ହେବ ଶୁଭ୍ର ତନୁଲତା
ବାସ୍ତବର ଛାଇ ତଳେ ତୁମେ ହେବ କଳ୍ପନାମୟୀ

କମ୍ରତୁମ ହୃଦୟର ମଧୁମୟ ଅନ୍ତିମ କୋଣରେ
ମନର ମଣିଷ କରି କେବେ ଯଦି ସ୍ଥାନ ଦେବ ମୋତେ
କାଳ – କୂଟ ବିଷ ପରି ଧାଇଁ ଯିବି ଗଳି ଓ କନ୍ଦିରେ
ଜାଳିଦେବି ତନୁ ମନ ସେ ଯାତନା ପାରିବିନି, ପାରିବ ନି ସହି ? ?

ଏଡ଼ିକି କୋମଳ ମନ ଆଉ ଏତେ ସରଳତା ନେଇ
ମୋ ରାଣ ପାଅନା ଭଲ ଏ ଯାତନା ପାରିବନି ସହି ।।

●●

# ଭୁଲିଯାଅ

●

ମନର କୁସୁମ ତବ ନିହାତି କୋମଳ ଆଉ ନିହାତି ସରଳ
ମନର ମଣିଷ କରି ସେଠି ଯେବେ ସ୍ଥାନ ଦେବ ମୋତେ
ପାଇବ ବେଦନା ଶତ, ଅପବାଦ ନିନ୍ଦାର ଗରଳ
କଣ୍ଢେ ତୋଳି ସେ ସବୁରେ ପାରିବ କି ଚଳି ମୋର ସାଥେ ? ?

ପାରିବନି କେବେ ତୁମେ ତନୁ ତବ ନିହାତି କୋମଳ
ଏ ବେଦନା, ଏ ବିଷର ତିକ୍ତମୟ ଅନୁଭୁତି ଯେତେ
ଜାଳିଦେବ ଦେହ ମନ ତୁମର ସେ ଅଙ୍ଗ ସୁକୋମଳ ।।

ତେଣୁ କହେ ଭୁଲିଯାଅ, ଭୁଲିଯାଅ ମୋତେ
ସ୍ୱପ୍ନ ସମ କେଉଁ ଏକ ଅଜ୍ଞାତ ନିଶୀଥେ ।।

●●

# ସନେଟ୍-୪

●

ସବୁକିଛି ସରିଗଲା ସବୁକିଛି ତୁଟିଗଲା ପରେ
ଆଉ ପୁଣି କାହିଁକି ଗୋ ଲଗାଅ ମମତା,
କାହିଁକି ଗୋ ମୋ ସପନେ ନିତିନିତି ଖେଳା କରିଆସି
ସବୁଖେଳ ଖେଳିତ ସାରିଛ - ଆଉପୁଣି ରହିଲା କେଉଁଟା ?

କହିବାର ଯାହାଥିଲା ସବୁକଥା କହିଛି ତୁମକୁ
ଅକୁହା ରଖିନି କିଛି ବଂର ତୁମେ କିଛିତ କହିନ
ଅକସ୍ମାତେ କେତେବେଳେ ପଚାରିଲେ କିଛି
ଖାଲି ଟିକେ ହସିଦେଇ ତୁମେ ପୁଣି ନୀରବ ରହିଛ ॥

ସବୁତ ଦେଇଛି ମୁହଁ ଦେବାର ବା ଯାହା କିଛି ଥିଲା
ସ୍ନେହ, ପ୍ରେମ ,ମମତା ଓ ଏଇ ମୋର ଅଲିଅଳ ମନ
ସବୁବି ନେଇଛ ତୁମେ ,କେବେ କିନ୍ତୁ ଦେଇନାହିଁ କିଛି
ମୋଦାନର ଉପଯୁକ୍ତ ତେବେ କଣ ଥିଲା ସତେ ଏଇ ପ୍ରତିଦାନ ?

ସେ ଗୁଣନ ସେ ହରଣ ସେତିକିରେ ଥାଉ ରହିଥାଉ
ଭାଗଫଂଳ ଯା ମିଳିଛି - ଭାଗଶେଷ ଲୋଡ଼ା ନାହିଁ ଆଉ ॥

●●

# ସନେଟ୍-୫

●

ସଂଜ ନଇଁ ଗଲା ଆକାଶ ତଳେ ତଳେ
ଛନ୍ଦ ହଜିଗଲା ମୋ ମନ ବୀଣା ତଳୁ
ନିଥର ଆକାଶରେ କୋଟିଏ ଦୀପ ଜଳେ
ଗୋଟିଏ ଦୀପ ଗଲା ଲିଭି ମୋ ମନ ତଳୁ

ଚକ୍ଷୁ ତଟୁ ଝରି ଯାଏ ଗୋ ଲୁହ ଧରା
ବକ୍ଷ ଫୁଲି ଫୁଲି କୋହ ଯେ ଉଠେ ଖାଲି
ମୋ ମନ ମରୁରେ ମୁଁ ହୋଇଲି ପଥହରା
ଏ ପଥେ ଆସିଗଲି ସିନା ମୁଁ ବାଟ ଭୁଲି ।।

କେତେ କେ ନାଚି ଗଲେ କେତେ କେ ଗାଇ ଗଲେ ।
ମୋ ମନ ବୀଣା ତାରେ ସେ ଯେଉଁ ମଧୁସୁର
ତୋଳି ମୁଁ ଗାଉଥିଲି ଅଧିରେ ନାଚୁଥିଲି
ଛିନ୍ନ ହୋଇ ଗଲା ଆଜି ମୋ ସେଇ ତାର ।।

ମରମ ଗୀତ ଆଜି ଗାଇବି କାହା ଆଗେ
ଗାଇଲେ କେ ଶୁଣିବ ଗାଇବି କେଉଁ ରାଗେ ?

●●

# ବୁଢା ବର

●

ମୋ ମନର ଅଭିମାନୀ ଅଲିଅଳି କୁଆଁରୀ ଝିଅଟା
କଇଁ କଇଁ କାନ୍ଦିଲା ସେଦିନ ଆକାଶରେ ଜହ୍ନକୁ ଦେଖି
ଏତେ ଜହ୍ନିଓଷା କରି ସେ କୁଆଡ଼େ ପୂଜିଥିଲା ଚନ୍ଦକୁ କେତେ
ହୁଳହୁଳି ଦେଇ ପୁଣି, ଗୀତ ଗାଇ, ଜହ୍ନିଫୁଲେ କୋଠିକି ସଜେଇ
କିନ୍ତୁ ହାଏ ସବୁତାର ପଣ୍ଡହେଲା ତା ଚନ୍ଦଟା ବୁଢ଼ା ହୋଇଗଲା
ଡେରି ଟିକେ ହୋଇଗଲା ପୂଜିବାକୁ କୁଆରୀ ଜହ୍ନରେ
ତେଣୁ ସେ କାନ୍ଦୁଛି ବସି ସତେ କଣ ତା କପାଳେ ବୁଢ଼ାବର ଲେଖା
କାହାକୁ କହିବ ସିଏ ଅଭିମାନେ ଆଜି ଖାଲି ପଡୁଛି ସେ ଫାଟି ।।

●●

# ସନେଟ୍-୬

●

ଦିନଥିଲା ଆକାଶର ଟିକିଟିକି ଏଇ ତାରା ସବୁ
ମୋ ଆଖିରେ ହୀରାନୀଳା ମୋତି ଆଉ ମାଣିକ୍ୟର ସମ
ଜଳୁଥିଲେ, ଖେଳୁଥିଲେ, ହସୁଥିଲେ,ହସି ହସି ଲୋଟି ଯାଉଥିଲେ
ମିଟିମିଟି ଆଖିଠାରି ମୋ ସାଥିରେ କେତେ ପୁଣି କଥା ହେଉଥିଲେ।।

ସପନର ଫୁଲ ନେଇ ଏଇ ଯେତେ ମେଘର ବୋଇତ
ମୋ ଆଖିରେ ଭାସୁଥିଲେ ନୀଳ ନୀଳ ଢ଼େଉ କାଟି କାଟି
ସୁରଭୀତ କରି ମନ ବାଦଶାହୀ ବିଳାସୀ ସପନେ
ଲୁଚିଗଲେ ଅକସ୍ମାତେ ମୋ ଆଖିରେ କୁହେଳିକା ଭରି।।

କୋହ ଆଉ ଲୁହ ଭରା ଆଜି ପୁଣି ସେଇ ଆଖି ସେଇ ମନ ନେଇ
ମୁଁ ଯେବେ ଋହୁଁଛି ବସି ଆକାଶର ସେଇ ତାରା ସେ ମେଘ ମାଳାରେ
କାଗଜର ଫୁଲ ଆଉ ରୂପନେଇ ଶିମିଳି ତୁଳାର
ମେଘ ଆଉ ତାରାମାନେ ନାଚିଯାନ୍ତି ମୋ ଆଖି ଆଗରେ।।

କାହାକୁ କହିବି କଣ, କାହାକୁ ବା କରିବି ମୁଁ ଦୋଷୀ
କରମ ଆଦରି ଆଜି କର୍ମଫଳ ଭୋଗୁଛି ମୁଁ ବସି।।

●●

# ବୋଉ ତୋ ଲାଗି

●

ତୋ ରାଣ ଲୋ ବୋଉ ସତେ ତୁଉ ଯଦି ଥାଆନ୍ତୁ ନା ଆଜି
ମୁଁ ବୋଧେ ଲୋ ଏଇମିତି ନିତି ନିତି ରାତିର କୋଳରେ
ଯେ ଯୁଆଡ଼େ ଶୋଇଗଲେ ତକିଆରେ ମୁହଁ ମୋର ପୋତି
ଅତି ଛୋଟ ପିଲା ପରି ଲୁଚି ଲୁଚି କାନ୍ଦନ୍ତି ନି କେବେ ?

କାନ୍ଦନ୍ତି ନି କେବେ ସତେ ତୋରାଣ ଲୋ ସେମାନଙ୍କୁ ଦେଖି
ସେମାନଙ୍କ ଖୁସି ଦେଖି, ସେମାନଙ୍କ ରାଗ ରଷା ଅଭିମାନ ଦେଖି
ସେମାନଙ୍କ ବୋଉ ପାଶେ, ମୁଁ ବି ଖାଲି ହସୁଥାନ୍ତି ମୋଅର ବି ଅଛି
ବୋଲି ଜଣେ
ଯା ପାଖରେ ମୁଁ ବି ନିତି ହସେ, ରଷେ ଅଭିମାନେ କରେ କେତେ
ଅଳି।।

କିନ୍ତୁ ହାଏ ସେ ସବୁତ ସ୍ୱପ୍ନ ଆଜି, ସେ ସବୁତ ନିହାତି ଅଳିକ
ମୋ ପରି ଅଭାଗା ପାଶେ ଆଜିଯାଏ ଜାଣିଲାନି ଯିଏ
ମାଆର ମମତା କଣ କିମିତି ସେ ମିଠା ଅବା ଖଟା
କାହାକୁ ବା ପଚରିବି, ମୋତେ ଅବା କହିଦେବ କିଏ ? ?

ତେଣୁ ଆଜି କାନ୍ଦୁଛି ତୋ ବିହୁନେ, ତୋ ଆଦର ତୋ ମମତା ଝୁରି
ନିତି ନିତି ରାତି ହେଲେ, ମନ୍ଦ ମୋର କରମେ ଆଦରି।।

●●

# ଝିଅମନ

●

ମୁଁ ତାଆର କେହି ନୁହେଁ,
ସିଏ କିନ୍ତୁ ସବୁ ମୋର
ମୋ କବିତା
ମୋ କଳ୍ପନା
ମୋ ହସ ମୋ ଲୁହ ପୁଣି
ସିଏ ମୋର ଅତି ଆପଣାର।।
ତାଆ ଲାଗି ଲୁହଝରେ
ତାଆ ଲାଗି ହସ ଭରେ
ତାଆ ଲାଗି ଉଜାଗରେ
କେତେରାତି ମିଛେ ସରେ
ମରେ ଖାଲି ହତାଶରେ
ସିଏ କେବେ ବୁଝିପାରେ ନାହିଁ।।
ନ ବୁଝିଲେ ନବୁଝୁସେ
ମୋ ମନତ ବୁଝୁନାଇଁ ଜମା
ତାକୁ ଅବା କଅଣ କହିବି
ଆଜି ମୁଁ ବୁଝୁଛି ଯାହା
ଝିଅମନ ସବୁବେଳେ
ଏମିତି ଅବୁଝା।।

●●

# ଆତ୍ମାନୁ ସଂଧାନ

●

ମୋ ଭିତରେ
ମୁଉଁ ଆଜି ମୋତେ ଖୋଜେ
ଗଭୀର ଜଳରେ
ଅଣ୍ଡାଳି ଅଣ୍ଡାଳି ବାଲି
ଗୋଡ଼ି ଓ ଶାମୁକା,
ତଥାପି ପାଉନି ମୁକ୍ତା
ମୋ ଭିତରେ ସତେ ଅବା
ବହୁଦିନୁ
ହଜି ମୁଁ ଗଲିଣି ।।

●●

# କିପରି କୁହତେବେ

●

ଯେତେ ମୁଁ ଲେଖିଗଲି
ଯେତେ ମୁଁ ଗାଇ ଗଲି
ଶୁଷ୍କ ଲେଖନୀରେ ଦ୍ରାକ୍ଷାରସ ଢ଼ାଳି
ମଧୁର କଣ୍ଠରେ ଅଧିର ସ୍ୱର ତୋଳି
ତୁମେ ତ ବୁଝିଲନି
ରହିଲ ଚାହିଁଖାଲି ।।
କିପରି କୁହ ତେବେ ଲେଖିବି କି କବିତା
ବୋଧ୍ୟ ହେବ ତୁମ କ୍ଷୁଦ୍ର ମନ ତଳେ
କିପରି କୁହ ତେବେ ଗାଇବି କେଉଁ ଗାଥା
ଛନ୍ଦ ତୋଳିବ ଯା ତୁମରି ବୁକୁ ତଳେ ?

●●

# ପ୍ରଶ୍ନ

●

ଏ ଧରାର ଜ୍ୟୋତିଷ୍କ ମଣ୍ଡଳୁ
ଅଚାନକେ ଖସି ଯଦି
          କେବେ ମୁହିଁ ହୋଇଯାଏ ଲୀନ,
ବ୍ୟଥାଭରା ଦୃଷ୍ଟିରେ
ଚକ୍ଷୁକେ ଘୁରାଇ ଘୁରାଇ
କରିବନି ମୋହର ସଂଧାନ ।।
ମନଲୋଭା ରୂପନେଇ ଚନ୍ଦ୍ରମା ଆସିବ
          ଜ୍ୟୋସ୍ନାର ଅଂଚଳ ଉଡ଼ାଇ
ଘୁମନ୍ତ ଚକ୍ଷୁତା ଅଶ୍ରୁରେ ଭିଜାଇ
          ସିଏ ଏଇ ଆକାଶରେ ମତେ କଣ ଖୋଜିବ ? ?
ଖୋଜିବେନି କେହି ମୋତେ
ଯଦିଓ ମୁଁ ଜାଣେ ତାହା
          ତଥାପି  ମୁଁ ପଚାରେ ତୁମକୁ
ତୁମେ କେବେ ଲୁହ ଢ଼ାଳି ନୟନରୁ ତୁମ
କୁଞ୍ଚିତ ଭ୍ରୁରୁ ତବ ଅସ୍ଥିରେ ନଚାଇ
ଏଇ ନୀଳ ଗଗନରେ   ମତେ କି ଗୋ
          ସତେ ଖୋଜି ବୁଲିବ ? ?

●●

# ଅଭିନୟ

●

ନିସ୍ୱ ଏକ କ୍ଷୁଦ୍ର ଭୂମିକାରେ
ମୁଁ କରୁଛି ଅଭିନୟ ଆଜି
ଏ ବିଶ୍ୱର ରଂଗ ଭୂମିପରେ
ଧୈର୍ଯ୍ୟ କେବେ ପଡ଼ିନାହିଁ ଭାଜି ।।

ଆଖି ତଟେ ଲୁହର ଝରଣା
ଫୁଲି ଫୁଲି ଉଠେ ଯେତେବେଳେ
ଓଠେ ଫୁଟେ ହସର କୁସୁମ
ଲୁହ ଲୁଚେ ସେ କୁସୁମ ତଳେ ।।
ନୂତନର ବାଲିଗଦା ତଳୁ
ପୁରାତନ ହାତଠାରି ଡାକେ
'ଆଜି'ଯେତେ ହଜିଯାଏ ସବୁ
'କାଲି' ତକ ଉଙ୍କିମାରି ଉଠେ ।।
ତଥାପିତ ନିର୍ଭୁଲ ଭାବରେ
ନିତି ମୋର ଅଭିନୟ କରେ ।।

●●

# ଦୁଇଟି ମୁହୂର୍ତ୍ତ

(୧)

ଶାମୁକାର ସ୍ୱପ୍ନ ନେଇ ଖେଳିବିନି ଖେଳିବିନି ଆଉ
ମୁକ୍ତାର ମନ ସାଂଗେ ମନ ମୋର ଯୋଡ଼ିବିନି କେବେ
ଗୋଲାପର ଲହୁ ଦେଖି ଲୁହ ସତେ ଢାଳିବିନି ଢାଳିବିନି ଆଉ
ପତ୍ରର ପତନ ସୁରେ ସୁର ମୋର ତୋଳିବିନି କେବେ ।।

(୨)

ଆଜି ଏଇ ଶୀତ ରାତି ମଲା ଜହ୍ନ ଓଦାଓଦା କାଲୁଆ ପବନ
କେତେ ସ୍ମୃତି  ଆଣେ ମନେ କେତେ ପୁଣି ଭୁଲାଇ ବି ଦିଏ
ମହାନଦୀ ଛାତି ପରି ପାଣିଚିଆ ମନଟା ତୁମର
କେତେବେଳେ ସମତଳ କେତେ ବେଳେ ଉଚ୍ଚନୀଚ ନୁହେଁ ?

●●

# ନୂଆ

●

ସେଇ ମନ ଭାଂଗି ଦେଇ
ଆଉ ଏକ ମନ ମୁଁ ଗଢିଛି
ସେଇ ରଙ୍ଗ ସେଇ ଢଙ୍ଗ
ଖାଲି ଯାହା ରୂପ ବଦଳିଛି ।।

ସେଇ ସୁର ଭୁଲିଯାଇ
ଆଉ ଏକ ସୁରେ ମୁଁ ଗାଉଛି
ସେଇ ଭାବ, ସେଇ ଗୀତ
ଖାଲି ଯାହା ଛନ୍ଦ ବଦଳିଛି ।।

ତୁମେ ବି ଦେଖନ୍ତ ଯଦି
ବିଶ୍ୱାସ ହୁଅନ୍ତାନି କେବେ
ତୁମେ ବି ଶୁଣନ୍ତି ଯଦି
ଭୁଲି ତାରେ ପାରନ୍ତନି କେବେ ।।

ଏତେ ସବୁ ଭାଂଗି ଦେଇ ଏତେ ସବୁ ଗଢ଼ିଗଲା ପରେ
ପଛକୁ କି ରହିଁ ହୁଏ-ଏତେ ବାଟ ଆସିଗଲା ପରେ ?

●●

# ସନେଟ-୭

●

ଯଉବନ ଜୋଛନାରେ ଭିଜି ଭିଜି ମୋ ମନର ଅରମା ବାଟଟା
ସେଇମିତି ପଡ଼ିଥିଲା, ତା ଉପରେ କେହି କେବେ ଦିନେ
କାମନୀୟ ପାଦ ଥାପି ଥିରି ଥିରି ଆସିଲା ନି ଚାଲି
ସେଇମିତି ପଡ଼ିଥିଲା, ଶୋଇଥିଲା ସେଇମିତି ନିହାତି ଗୋପନେ।।

ମୁଁ ଜାଣେନି କିଏ ତୁମେ, ଜାଣିଶୁଣି ଅବା ତୁମ ଅତି ଅଜାଣତେ
ଏ ବାଟେ ଆସିଲ ଚାଲି କାଦୁଅରେ ଟିକି ଟିକି ପାଦଚିହ୍ନ ଲେଖି
ପଥହରା ହୋଇ ଯେବେ ପାଦେ ତୁମ କାଦୁଅ ଲାଗିଲା
ସେବେଳେ ପାରିଲ ଜାଣି ଅବାଟରେ ଆସିଗଲ ବୋଲି।।

ତୁମେ ସିନା ଫେରିଗଲ ସେଇବାଟେ, ଯେଉଁ ବାଟେ ଆସିଥିଲ ଚାଲି
କିନ୍ତୁ ତୁମ ସ୍ମୃତିର ଖରାରେ ଭିଜି ଭିଜି ମୋ ମନର ଅରମା ବାଟଟା
ଶୁଖି ଶୁଖି ଟାଣ ହେଲା, ତୁମର ସେ ପାଦଚିହ୍ନ ସେଇମିତି ରହିଲା ସେଇଠି
ଆଉତ ଲିଭିଲା ନାହିଁ, ଆଉତ ଲୁଚିଲା ନାହିଁ କ୍ଷତ ଚିହ୍ନ ରହିଲା ସେମିତି।।

ଏବେ ବି ତ ବେଳେ ବେଳେ ମୋ ରାସ୍ତାର ନିଦ ଭାଙ୍ଗି ଗଲେ
ଆପଣା ଛାତିରେ ଚାହିଁ କାନ୍ଦେ ସିଏ ନିହାତି ବିକଳେ।।

●●

# କିଂଶୁକର ଶୋକ

ଅବହେଳିତ ମୁଁ କିଂଶୁକ ଏକ ରୂପନେଇଛି ଏ ଧରାରେ
ରୂପ ଅଛି ସତ ଗନ୍ଧ ନାହିଁ ମୋ ଟିକି ଏ ରେଶମୀ ହିଆରେ
ମଧୁମକ୍ଷୀକା ମଧୁନେଇ ଆସେ ମଧୁନେଇ ଯାଏ ଚ଼ଲି
ଦୁଷ୍ଟ ସେ ଅଳି ଫେର ଚ଼ହେଁ ନାହିଁ ଗୁଣୁଗୁଣୁ ହୁଏ ଖାଲି।
ଗୁଣହୀନ ମୋର ରୂପ ସଂଭାରେ ଆଦର କରେନା ସିଏ
ଗନ୍ଧବିହୀନ ତନୁରେ ସେ ତେଣୁ ଫେରି ଫେରି ନାଇଁ ଚ଼ହେଁ।।
ଚ଼ହେଁନା ପଥିକ ଫେରିକରି ତାର ଯାତ୍ରାପଥର ମୋତେ
ଯିଏ ବା ଚ଼ହେଁ ସେ କହିଯାଏ ଖାଲି ଭଲ ଫୁଲଟିଏ ସତେ।
ଏହିପରି ମୁହଁ ସେନେହ ଆଦର କାହାଠୁ ପାରେନା ପାଇ
ଗୁଣହୀନ ମୋର ରୂପ ସଂଭାରେ ଆଦର କରେନା କେହି।
ଅଭିଶାପ ନେଇ ଧରା ବକ୍ଷରେ ଯେପରି ଆସିଛି ଧାଇଁ
ସେଇପରି କାଲି ଝରିଯିବି ମୁହଁ ଢାଳିବେନି ଲୁହ କେହି।।
ମାଟିର ଜୀବନ ମାଟିରେ ମିଶିବ ମାଟିରେ ଯିବି ମୁଁ ଲୁଚି
ଅଭିଶପ୍ତ ମୋ ଜୀବନ ମରୁରେ ଆଶାର କବର ରଚି।।

# ମୋତେ ଦିଅ

●

ମୋତେ ଦିଅ ଚେନାଏ ଆକାଶ
ମୁଁ ଆଙ୍କିବି କୋଟିଏ ଛବିତା
ମୋତେ ଦିଅ ଗୋଟିଏ ହୃଦୟ
ମୁଁ ଲେଖିବି କୋଟିଏ କବିତା।।

ମତେ ଦିଅ ବିନ୍ଦୁଏ ଜଳ
ମୁଁ ଆଣିବି ଅନନ୍ତ ପିପାସା
ମୋତେ ଦିଅ ମୁଠାଏ ଆଲୋକ
ମୁଁ ଭେଦିବି ଗହନ ତମିସ୍ରା।।

ମୋତେ ଦିଅ ଦୁଇଟି ଅଧର
ମୁଁ ଢାଳିବି ରକ୍ତର ସୁରା
ମୋତେ ଦିଅ ଟୋପାଏ ଶିଶିର
ମୁଁ ସଞ୍ଚିବି ବର୍ଷାର ଧାରା।।

ମୋତେ ଦିଅ ଟିକିଏ ଉତ୍ତାପ
ମୁଁ ଗଢିବି ସ୍ୱପ୍ନର ମିନାର
ମୋତେ ଦିଅ ଟୋପାଏ ଅନ୍ଧାର
ମୁଁ ଆଣିବି ଜ୍ୟୋସ୍ନାର ଜୁଆର।।

ମୋତେ ଦିଅ ସୁରାରୁ ଟିକିଏ
ସାକୀ ସମ ଖିଆଲି କବିରେ
ଦିଅ ତବ ତନ୍ଦ୍ରାରୁ ଖିଏ
ମୁଁ ଶୋଇବି ଗହମ ନିଦରେ।।

●●

# ବନହଂସୀ

●

ଶୁଣିଯାରେ ବନହଂସୀ, ଶୁଣିଯାଆ
କହିଯାରେ ମୋତେ ତୁ ବୁଝାଇ
ତା ସମୁଦ୍ର ସତେ କିରେ ବେଶୀ ବଡ଼
ବେଶୀ ନୀଳ
ମୋ ଆକାଶ ଅଂଶୁପା ଠାରୁ
ତା ସମୁଦ୍ର ସତେ କିରେ
ବେଶୀଦୂର,ବେଶୀଭଲ
ମୋ ସ୍ମୃତିର ସୁମାତ୍ରା ଦ୍ୱୀପରୁ ? ?
ମୋଠାରୁ କି ବଳି ସତେ
ମୋ ଆଗରୁ
ତା ସମୁଦ୍ର ସୂର୍ଯ୍ୟୋଦୟ ଉପଭୋଗ କରେ,
ମୋ ଠାରୁ କି ବଳି ସତେ ରାକା-ରଜନୀରେ
ତା ସମୁଦ୍ର ଫୁଲି ଫୁଲି
ଫାଟି ଫାଟି ପଡ଼େ ? ?
କାହିଁକି ରେ ବନହଂସୀ
କହତେବେ କେଉଁ ଦୋଷେ ଉଡ଼ିଗଲୁ
ମୋ ସମୁଦ୍ରେ ଶ୍ରାବଣୀର ଲୁହ ଭରିଦେଇ
କେମିତି ଜୀଇଁବି କହ
ଯୌବନର ଜଉଘରେ
ତୋ ବିହୁନେ
ଏଜହ୍ନରାତି, ଜହ୍ନିଫୁଲ ନେଇ

●●

# କେତେ ଦିନ ?

●

ନିଳାଦ୍ରୀ ବିହାରୀ କୁହ
କେତେ ଦିନ ଆଉ କେତେ ଦିନ ?
ନୀଳଚକ୍ରେ ଋହିଁ ଋହିଁ ଆତୁର ଆଖିରେ
ଏ ଜୀବନ ଧାଉଁ ଥିବ
ଖରା ବର୍ଷା ଶୀତ ସହି ସହି;
କେତେଦିନ ଆଉ କେତେଦିନ
ଓଟପରି କଣ୍ଟା ଖାଇ
ଜୀବନର ବିଷମ ମରୁରେ
ବିଷାଦର ବୋଝ୍ ବୋହି ବୋହି
ଏ ମଣିଷ ମରୁଥିବ
ତୁମରି ଏ ବଡ଼ଦାଣ୍ଡ ପରେ ?

●●

# ଫଗୁଣ କୁ

●

ଫଗୁଣ ରେ
ତୋ ରୂପର ପାଣିଚିଆ ଖରାରେ କୁହୁଳି
ସ୍ମୃତି ଯେତେ
ଶୀତ ଆଉ ପତ୍ରଝରା ମୁହୂର୍ତ୍ତ ସବୁର
ଫୁଲ ହୋଇ ଫୁଟିଲାଣି
ଅସୁମାରୀ ରସାଳ ଶାଖାରେ ,
କୋହ ଆଉ ଲୁହ ଯେତେ
ଜହ୍ନିଫୁଲ ଜହ୍ନ ମାନଙ୍କର
ତୋ ଆଖିର ନୀଳିମାରେ ଜୁଡୁବୁଡୁ ହୋଇ
ହୁତୁହୁତୁ ଜଳିଲେଣି ପବନରେ
କେରିକେରି କିଂଶୁକ ହୋଇ ।
ବୟସର ଅରଣ୍ୟରେ
କାମନାର କୃଷ୍ଣସାର ଯେତେ
ଯୌବନର ଜୋଛନାରେ ଭିଜି ଭିଜି ଅସ୍ଥିର ହେଲେଣି,
ଅସ୍ଥିର ହେଲେଣି ପୁଣି
ଚଇତ୍ରର ଅଭିସାର ପାଇଁ ।

●●

# କାହିଁ ଗଲା

●

ଆଉ ସବୁ ଦିନ ମାନେ
ଉଡ଼ିଗଲେ ଧାଡ଼ି ଧାଡ଼ି
ସମୟର ସାମୀଆନା ତଳୁ
ଏ ଆକାଶ ଆଖି ପୋଛି
ଫେରିଫେରି
ତଳକୁ ଚାହିଁଲା;
କାହିଁଗଲା ସେଇ ରାସ୍ତା,
ସେ ଇଲାକା
ବୟସର ବାଲିଧରି
ବୋହିଥିଲା କୁନି କୁନି ପାଦଚିହ୍ନ ଯିଏ
କାହିଁଗଲେ
ସେଇମାନେ ସବୁ ?
ସେମାନି କି ଜାକିଜୁକି ବାଲିତଳେ ଘୁମେଇଁ ପଡ଼ିଲେ ?
ମୋ ଆଖି
ଚକୋର ହୋଇ
କେତେଦିନ
ଆଉ କେତେଦିନ
ଆକାଶକୁ ଚାହିଁଥିବ
ଟୋପାଏ ଶିଶିର ଲାଗି
–ସେ କି କେବେ ହେବନି ଆକାଶ ? ?

●●

# ଓଏସିସ୍

(ଅନୁବାଦ)

●

ହେ ଅସତ୍ୟ ଓଏସିସ୍ ମୋର
ମାତ୍ର ମୁହୂର୍ତ୍ତକ ପାଇଁ
ତୁମ ଭିତରେ ବଂଚି ସାରିବା ପରେ
ମୁଁ ଅନୁଭବ କଲି
ଦୁଇଟି ବାଦାମୀ ଆଖିର ଉପକୂଳରେ
ଜନ୍ମିଥିବା ଗଛ ସବୁ ଜଳି ଯାଉଛି
ସାହାରାର ଉଷ୍ମ ପବନରେ ।।୧
ତୁମେ ଯଦି ନିଜେ
ତୁମ ଭିତରେ ବୁଡ଼ି ରହିଥିବା
ଲୁହର ଆତ୍ମୀୟତା ଅନୁଭବ କରିପାରୁନ
ତେବେ
ତୁମର ସେ ଝଡ଼କୁ ତୁମେ ବିସ୍ତାର କରିପାର
ଯାହା ମୋ ଲାଗି
ଏବେବି ବାଲିର ସଂଗୀତ ହୋଇ ରହିଛି ।. ୨
କିନ୍ତୁ
ମୋତେ ସେଇ ସବୁଜିମାର ସ୍ୱପ୍ନରେ
ରାଣ ଅଛି
ଆଉ ବିବ୍ରତ କରି ପକାଅନା

●●

# ଅଦିନ ବର୍ଷା

(ଅନୁବାଦ)

●

ଗୋଛା ଗୋଛା କଳା ଆଉ
ଘନ ନୀଳ ସିଲ୍କ ସୂତା ପରି
ପଳିତ ପତ୍ର ଉପରେ
କଣ ସବୁ ଅସ୍ପଷ୍ଟ କୋଳାହଳ କରି
ସେମାନେ ଖସି ପଡୁଥିଲେ ।।୧

ମୁଁ ଯେବେ ବଂଚିଥିଲି
ମୋ ଆଖିର ଝରକା କାଚରେ
ମୁଣ୍ଡଡେରି ମୃତବତ୍ ପଡ଼ିଥିବା
ସେଇ ପତ୍ର ସବୁ
ଆଜି ପୁଣି ତୁମରି ସ୍ମୃତିରେ
ଭିଜି ଭିଜି
ଅସ୍ଥିର ହେଲେଣି ।।୨

ହଜିଥିବା ଦିନ ଗୁଡ଼ିକର
ଭଂଗା କାନ୍ଥରେ
ତୁମେ ଦିନେ ଯେଉଁ
ଶିଉଳି ଲଗାଇଥିଲ
ସେ ସବୁରେ ହଠାତ୍ ଆଜି ପୁଣି
ରଂଗର ଜୁଆର ଆସିଲାଣି ।।୩
କିନ୍ତୁ
ତୁମେ ତୁମର ସେ କେଶରାଶିକୁ
ଏ ବର୍ଷାଜଳରେ
ହଠାତ୍ ଧୋଇ ପକାଇଲ କାହିଁକି ? ?

●●

# ଦ୍ୱିପ୍ରହର

(ଅନୁବାଦ)

●

ସେ କହୁଥିଲେ
ଯେତେବେଳେ ଥରୁଥିବା ନାଡ଼ି ସବୁ
ହିମ ହୋଇ ବନ୍ଦ ହୋଇଯିବେ,
ଠିକ୍ ସେତିକି ବେଳେ
ପ୍ରତ୍ୟେକ ମୁହୂର୍ତ୍ତମାନେ
ଜନ୍ମ ହୋଇ ସାଂଗେ ସାଂଗେ ମରିଯିବେ।।୧
ଆମେ ସବୁ
ବାହାରର ଆକାଶ ଆଡ଼କୁ ଚାହିଁଲୁ
ଦେଖିଲୁ
ବିଖଣ୍ଡିତ ଇଚ୍ଛାପରି
ଟେଲିଫୋନ୍ ଖୁଣ୍ଟି ସବୁ
ଧାଡ଼ି ଧାଡ଼ି କଂକ୍ରିଟ କୋଠା
ଆଉ ଅରଣ୍ୟର ସବୁଜିମା କୁ
ଅତି କରୁଣ ଭାବେ ଭାଂଗି
ବିପର୍ଯ୍ୟସ୍ତ କରି ଦେଉଛି।।୨
ଉତ୍ତପ୍ତ ତମ୍ବା ପରି
ଖରାବେଳଟାରେ
ପକ୍ଷୀସମ ଉଡୁଥିବା ଦୃଷ୍ଟି ସବୁ ଏଡ଼ିଦେଇ
ଆମେ ଯେତେବେଳେ
ଦୁହେଁ ଦୁହିଁଙ୍କୁ ଚାହିଁ ରହିଲୁ
ଠିଇକ୍ ସେତିକି ବେଳେ
ହଠାତ୍ ସେ ମୁହୂର୍ତ୍ତଟା ମରିଗଲା
ଅତି ଭଦ୍ରଭାବେ
ବିନା ଦୁର୍ଘଟଣାରେ

●●

# ମୋତେନେଇ

(ଅନୁବାଦ)

●

ମୋତେ ନେଇ ଥୋଇଦିଅ
ଲମ୍ବା ଲମ୍ବା ସରୁ ସରୁ
ଅଂଗୁଳି ମଝିରେ
ଏବଂ ଦେଖ
ମୁଁ କେମିତି ଜାଳି ଦିଏ
ଅଂଗୁଳିର ଅଗ ସବୁ
ଲଜ୍ଜାର ଲୋହିତ ନିଆଁରେ।।
ମୋତେ ନେଇ ଫିଙ୍ଗିଦିଅ
ରାଶି ରାଶି ଶିଥିଳ କୁନ୍ତଳେ
ଏବଂ ଦେଖ
ମୁଁ କେମିତି ରୁନ୍ଧି ଦିଏ ଶ୍ୱାସ ସବୁ
ଅସୁମାରୀ ପାଇନ ଗଂଧରେ।।
ମୋତେନେଇ ଯତ୍ନରେ
ଥୋଇ ଦିଅ ଦୁଇଟି ଆଖିରେ
ଏବଂ ଦେଖ
ମୁଁ କେମିତି ସେମାନଙ୍କୁ
ଭରିଦିଏ
ସ୍ୱପ୍ନର ମଧୁର ସୁରରେ।।
ମୋତେ ଦିଅ ଭାସିବାକୁ
ଅନନ୍ତ ଶୂନ୍ୟରେ
ଏବଂ ଦେଖ
ମୁଁ କେମିତି ଆଣିଦିଏ
ଅସ୍ଥିରତା ପ୍ରେମିକା ନିଶ୍ୱାସେ।।

ମୋତେ ଦିଅ ଛୁଇଁ ବାକୁ
ଦୁଇ ସିକ୍ତ ଅଧରର
ସୁକ୍ଷ୍ମ କୋଣଟିଏ
ଏବଂ ଦେଖ ମୁଁ କେମିତି
ନଚ୍ଚେଏ ସେ ସୂର୍ଯ୍ୟକୁ
ତା ଉପରେ
ଭଳି ଭଳି ଅଜସ୍ର ରଂଗରେ ।।
ଯା ଭିତରେ ଭାବୁଥିଲି
କେବେ ଦିନେ ଏକା ଏକା
ଫେରିଯିବି ତୁମରି ପାଖକୁ,
ତୁମର ଗାଲର ସେ ଚଂଚଳା ଭଉରୀ ଉପରେ
ବସିଯିବି, ମିଶିଯିବି
ଏବଂ ଦେଖିବି ସତେ
ଏ ପୃଥିବୀ ତା ଭିତରେ
ପାରୁଛି କି ରହି ? ?

●●

# ଅପେକ୍ଷା

(ଅନୁବାଦ)

●

ମୁଁ ଜାଣେ
ତୁମର ଏ ଶବ୍ଦହୀନ ହସ
ତୁମ ମନତଳ ପାତାଳର
ସବୁ ଗୋପନୀୟତା ଖୋଲିଦେବ।।
ମୋ କାନ୍ଧ ଉପରେ ଝୁଲୁଥିବା
ବୁଢ଼ୀଆଣୀ ଜାଲ
ଆଉ
ଫୁଲଦାନୀରେ ମରି ପଡ଼ିଥିବା
ଗୋଲାପ ଗୁଚ୍ଛକୁ
ଦେଖି ପାରୁଛ ତ ? ?
ବେଶ୍,
ଏଇଠି ଦିନେ ମୁଁ ବଂଚିଥିଲି
ବଂଚିଥିଲି ଶହ ଶହ ବର୍ଷଧରି
ମୃତ୍ୟୁର ପ୍ରତୀକ୍ଷାରେ
ବାହାରର ବାସ୍ନା ସବୁ ଜୀବନର
ସତେ ବା ମୁଁ
ଭୁଲି ଯାଇଥିଲି।।
ଦିନସବୁ ଭୁଲାଇବା ପାଇଁ
ଏ ନିବୁଜ କକ୍ଷ ଭିତରେ ବସିବସି
ଦିନ ଦିନ ଧରି ମୁଁ
ଧୂଳିକଣା ଗଣୁଥିଲି
ଆଉ
ମାଇଲ ମାଇଲ ଧରି ଧାଉଁଥିଲି

ମୋ ପିଠିର ଭୂତକୁ
ତଳକୁ ଫିଙ୍ଗିଦେବା ପାଇଁ।।
ମୁଁ ଯଯାତି ନଥିଲି ସତ
ତଥାପି
ଜୀଇଁବାର ଲୋଭ ମୋର
ସୀମାବଦ୍ଧ ହେଲା ସେଇଦିନ
ଯେଉଁଦିନ
ସେ ତିଳତିଳ କରି
ଯନ୍ତ୍ରଣାରେ ସଢ଼ିସଢ଼ି
ଏକାକିନୀ ମୋତେ ଛାଡ଼ି
ଚାଲିଗଲା ସବୁଦିନ ପାଇଁ।।
ମୋର କେହି ପୁତ୍ର ନାହିଁ
ଯା ଲାଗି ମୁଁ ମାଗିବିନି ଅନନ୍ତ ଯୌବନ,
ଆଉ ଆନନ୍ଦର ଦିନ ସବୁ
ଅଯୁତ ବର୍ଷର
ଅଛି ଖାଲି ଝିଅଟିଏ
ଯାର ସୁନ୍ଦର ନିଷ୍ପାପ ମୁହଁ
ପ୍ରତ୍ୟେକ ଉଷାରେ ମୋତେ
ଟାଣିନିଏ
ସେ ସ୍ମୃତିର ପାତାଳ ଆଡ଼କୁ।।
ଆଜି କିନ୍ତୁ
ଯେଉଁମାନେ
ମୋତେ ଛାଡ଼ି ଚାଲିଗଲେ
କେବଳ ସେମାନଙ୍କର
ନୀରବତା ଛଡ଼ା
ଏ ସିଡ଼ି ଉପରେ
ଆଉ କାର ପାଦ ଶବ୍ଦ ମୁଁ ଶୁଣି ପାରୁନି।।
ମୁଁ ଜାଣେ ସିଡ଼ି ଉପରେ
ଆଉ କେବେ ବି

ସେମାନଙ୍କର
ଫେରନ୍ତା ପାଦର ଶବ୍ଦ ଶୁଭିବନି,
ତଥାପି ଆଜିଯାଏ
ମୁଁ ଜଣକର ଅପେକ୍ଷା ରଖିଛି
ସିଏ କିନ୍ତୁ
ଆଉ ଆସିବନି।।

●●

# ଅବୁଝା

●

ଇଚ୍ଛା କଲେ ସବୁକଥା କହିହୁଏ
ସବୁକଥା ଶୁଣିହୁଏ
ଇଚ୍ଛାକଲେ
ସତେ କିନ୍ତୁ
ସବୁକଥା ବୁଝିହୁଏ ନାହିଁ।
ଯେମିତି ଅବୁଝା ସତେ
ରହିଗଲା ସଂପର୍କ ଆମର,
କୋଇଲି ରେ
ନାଁ ତୁ ପାରିଲୁ ବୁଝି
ନାଁ ମୋତେ ବୁଝାଇ ପାରିଲୁ ,
ହନ୍ତସନ୍ତ କରି
ଖାଲି ଜଳିବାକୁ
କୋହନେଇ କଇଁଛ ଆଖିରେ
ଛାଡ଼ିଦେଇ ଚାଲିଗଲୁ
କଳଙ୍କିତ କବିଟିଏ କରି।

●●

# ହେ ସୂର୍ଯ୍ୟ

●

ଶୁଣିଛି
ତୁମେ ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ,
ତୁମଠାରୁ ଉତ୍ତାପ ପାଇପାଇ
ଦିନେ ହୁଏତ
ଆମେ ସବୁ
ଏକ ଏକ ଅଗ୍ନିପିଣ୍ଡେ ପରିଣତ ହେବୁ
ଏବଂ ତା ପରେ
ଆମର ଜଡ଼ତା ସବୁ ଦଗ୍ଧ ହେଲା ପରେ
ଆମେ ହୁଏତ
ରାସ୍ତା କଡ଼ର ସେ ଲଙ୍ଗଳା ପିଲାକୁ
ଗରମ ଲୁଗାରେ ଢ଼ାଙ୍କି ଦେଇ ପାରିବୁ ।
ଆଜି କିନ୍ତୁ ଆମେ ସବୁ
ତୁମର ସେ
ଅକୃପଣ ଉତ୍ତାପର ପ୍ରାର୍ଥୀ ।

●●

(ବଙ୍ଗଳା କବିତାର ଛାୟାରେ ଲିଖିତ)

# ଶିଳା ନର୍ତ୍ତକୀ

●

ଶିଳା ଖଣ୍ଡର କଠିନ ବୁକୁରେ ଫୁଟାଇଲ ଯେଉଁ ରୂପସୀ ଲଳନା ଛବି
ଧରା ଅଙ୍ଗନେ ଶିଳ୍ପୀ ହେ ଦେଲ ଉର୍ବଶୀ ଯାରେ ସାଜି,
ଯାର ଚକ୍ଷୁ କୋଣରେ ଢାଳି ଦେଲ ତୁମେ ଗହନରାତିର ମାୟା
ଯାର ଲଲାଟପଟରେ ଆଙ୍କିଲ ତୁମେ ଶତଚନ୍ଦ୍ରର ଛାୟା ।।

ଋଷିମନଭୁଲା ଯଉବନ ଯାର ଅଙ୍ଗରେ ଦେଲ ଭରି
ନୀଳ ଉର୍ମିର ବ୍ୟସ୍ତତା ଯାର କୁନ୍ତଳେ ଦେଲ ଆଣି
ଯାର ଅଧର କୋଣରେ ଲେପି ଦେଲ ତୁମେ ରାକ୍ଷାର ମଧୁରସ
ଯାର ତନୁ  ସଂପୁଟେ ଭରି ଦେଲ ପୁଣି ତନ୍ଦ୍ରର ମଦାଳସ।।

◦◦◦◦

କେଡେ ନର୍ମମ ଶିଳ୍ପୀ ହେ ତୁମେ ସତେ
ସ୍ୱପ୍ନ ପ୍ରତିମା ଗଢ଼ି ରଖିଗଲ ଭାଷା ଦେଲ ନାହିଁ ମୁଖେ ? ?

●●

# ମୋର ଶବ

(ଅନୁବାଦ)

●

ଗତ ରାତିରେ ମୁଁ ସ୍ୱପ୍ନ ଦେଖିଲି
ମୁଁ ମରିଯାଇଛି
ଓ ମୋର ଶବଟି
ଧଳା ଚଦର ଢ଼ଙ୍କାହୋଇ ପଡ଼ିଛି।
କେତେଜଣ ଋଷି
ଗୋଡ଼କୁ ଗୋଡ଼ ଛନ୍ଦି
ମୋତେ ଘେରି ଠିଆ ହୋଇଛନ୍ତି।
ହଠାତ୍ ସାପଟିଏ ଗାତରୁ ବାହାରି
ଘାସ ଉପରେ ଧିରେ ଧିରେ ଆସି
ମୋର ମୁଣ୍ଡ ଉପରେ ଫଣାତୋଳି
ରହିଁ ରହିଲା
କିନ୍ତୁ ସେଇ ଋଷିମାନେ
ସେମିତି ମୃତବତ୍ ନିଶ୍ଚଳ ରହିଥିଲେ।।
ସାପଟି ହଠାତ୍ ତାର ବିଭକ୍ତ ଜିଭରେ
ମୋର ମୃତ ଓଠକୁ ଚୁମ୍ବନ କରି
ତାକୁ ପୁଣି ଥରେ ରକ୍ତାକ୍ତ କରିଦେଲା
ଓ ମୋର ଆଖି ପତାକୁ କଣାକରି
ପୁଉଣି ଥରେ ତାକୁ ଉନ୍ମୁକ୍ତ କରିଦେଲା।
ଶେଷରେ
ପାଟିରେ ପାଟିଭରା ବିଷ
ଆଉ ଆଖିରେ
ଆଖିଭରା ପାପ ନେଇ
ମୁଁ ପୁଣି ସେଇ
କୁଣ୍ଡଳାକାର ରାତ୍ରୀର ଅନ୍ଧକାର ଭିତରୁ
ଆଖି ମଳିମଳି
ଚେଇଁ ଉଠିଲି।

●●

# ଦୁଃଖ

●

ବୟସର ବନସ୍ତରେ
ବୁଲୁ ବୁଲୁ ଏକା ଏକା
ମୁଁ ଜାଣେନି କେତେବେଳେ
ପରଭୋଜି ଦୁଃଖମାନେ
ମୋ ଦେହରେ ଆତ ଯାତ ହେଲେ
ମୋ ଦେହକୁ ଖାଇଗଲେ
ଅଲାଜୁକି ଅବିବେକି ମାନେ
ମୋ ମୁହଁରେ ଆଙ୍କିଗଲେ
ଅସୁମାରୀ ଚୁମ୍ବନର ଦାଗ
ମୋ ଆକାଶେ ଭରିଦେଲେ
ଅନାହୂତେ
ଶ୍ରାବଣର ଅସୁମାରୀ ମେଘ।
ଚନ୍ଦନର ସ୍ୱପ୍ନ ସବୁ
ଜଳି ଜଳି ମରିଗଲା
ସରୀସୃପ ସୀମିତ ଆଖିରେ
ସମୁଦ୍ରର ନିରୀହତା
ମୁଁ ଜାଣେନି
କେତେବେଳେ ହଜିଗଲା
ଅକୁଣ୍ଠିତେ
ସାତତାଳ ଗହରୀ ପଙ୍କରେ।
କେମିତି ଜାଣିବି କହ
କେତେଦୁଃଖ ସାଗରର
କେତେ ଦୁଃଖ
କାରୁବାକୀ କରୁଣ ଆଖିର
କେତେଦୁଃଖ କାଠଯୋଡ଼ି

କୃଷ୍ଣା ଆଉ କାବେରୀ ନଦୀର ?
ଅନନ୍ତ ସମୟ ସବୁ ଶୋଷିନେଲା
ସାଗର ସ୍ମୃତି ଆଉ
ସୀମାହୀନ ସୁଖଯେତେ ସିନ୍ଧୁ ସାରସର
ମୁଁ କିନ୍ତୁ ଝରୁଛି ଏଠି ଏକାଏକା
ବୟସର ବିଷ ପିଇ
ଝୁମି ଝୁମି ବିଳମ୍ବିତ ବିମୁଗ୍ଧ ପ୍ରହରେ ।

●●

# ବିଳମ୍ବିତ ଲଗ୍ନ

●

କୋଇଲି ରେ ସତକରି କହ
ତୁ ଜାଣିଛୁ ମୁଁ କେମିତି ମରିଗଲି
ସେ ଦିନ ଏ ଆକାଶରେ
ତାରାମାନେ ଜାକିଜୁକି ମୋତେଟିକେ
ଗେଲ କଲାବେଳେ,
ତୁ ଦେଖିଛୁ ସତକରି କହ
ମୁଁ କେମିତି ଜଳିଗଲି
ସେଦିନସେ ଫୁଲଟିର
ଛଳ ଛଳ ଆଖି ପାଖୁଡ଼ାରେ;
ମୁଁ କେମିତି ଡରିଗଲି
କାଉ ଆଖି, ପେଚଦେଖି ଦେଖି
ସେମାନଙ୍କ ମୀନାକରା ଦେହଉଦ୍ଭେଇରୁ
ମୁଁ କେମିତି ଗୋପନରେ
ମୋ ନିଜକୁ ଗେଣ୍ଡାପରି ଗୋଟାଇ ଆଣିଲି,
ମୁଁ କେମିତି ଅବିବେକୀ
ହସି ହସି ପବନରେ ନାର୍ସିସସ୍ ପରି
ମୋ ଲୁହରେ ମୋତେ ଦେଖି
ନାଚି ନାଚି ନୟାନ୍ତ ହୋଇଲି ।।
ମୁଁ କେମିତି ଝରିଗଲି
ବୟସର ବୈଶାଖୀରେ
ନିଜରକ୍ତ ନିଜେ ପିଇ,ଜଳି ଜଳି କୃଷ୍ଣଚୂଡ଼ା ପରି
ମୁଁ କେମିତି ଭୁଲିଗଲି
ତା ଦେହର ଭୁତଦେଖି
ଅଂଧାରରେ ମୋ ନିଜକୁ
ମୁଁ କେମିତି ଅଣ୍ଡାଳି ହେଲି ।।

କେମିତି ବା ବୁଝେଇବି ଏତେ କଥା
ସବୁବୁଝି ନବୁଝିଲା ପରି
ଅଭିମାନେ ରହିଗଲୁ ମନ ମାରି
କହିଥିଲୁ ଭୁଲିବୁନି
ଆଖିଛୁଇଁ,ଓଠ ଛୁଇଁ
କେମିତି ରହିଲୁ ତେବେ ଏମିତି ଦୂରେଇ ? ?
ବେଳତ ଗଲାଣି ଗଡ଼ି
କେତେ ବେଳୁ
ସମୟର ଶବ ସବୁ କାନ୍ଧରେ ପକେଇ
ଛାଇମାନେ ଲମ୍ବିଲେଣି
ଧିରେ ଧିରେ ଆକାଶ ଆଡ଼କୁ
ଅରଣ୍ୟର ସବୁଜିମା ବିପର୍ଯ୍ୟସ୍ତ କରି
ସାପମାନେ   ଶୋଇଲେଣି
କେତେବେଳୁ
ଜାକି ଜୁକି ବିବର ଭିତରେ
କି ଲାଭ ମିଳିବ ଆଉ କୋଇଲି ରେ
ବୃଥା ଏତେ ମାନ ଅଭିମାନେ
ଏ ସବୁ କି ଶୋଭାପାଏ
ଜୀବନର ବିଳମ୍ବିତ
ସୟାହ୍ନ ଲଗନେ ? ?
ତେଣୁ ମୁଁ ବସିଛି ଆଜି
ଫେରି ଋହାଁ ଫେରି ଋହାଁ ଥରେ
ତୋ ଦୁଃଖ ଦେଇଯା ମୋତେ
ତୋ ଲୁହ ମୋ ଆଖିରେ ଢ଼ାଳି ଦେ
ତୋ କୋହ ଦେଇଯା ମୋତେ,କୋଇଲି ରେ
ତୋ ବୋଝ ମୋ କାନ୍ଧରେ ତୋଳି ଦେ।।

# ଇଚ୍ଛା

●

କେଜାଣି କାହିଁକି ସତେ
ବେଳେବେଳେ
ଭାରି ଇଚ୍ଛା ହୁଏ
ଆଗର ଆଲୁଅ ସବୁ
ହଠାତ୍ ପାଶୋରି ଦେଇ
ବୁଲିପଡ଼ି
ଧାଇଁବାକୁ ଖୁଉବ୍ ପଛକୁ
ନୋଚ୍ଚ କୋଚ୍ଚ ଦିନ ସବୁ ଓଲଟାଇ
ପୁରାତନ ପ୍ରେମ ପତ୍ରପରି
ପୁଣି କେବେ ଇଚ୍ଛା ହୁଏ
ବସି ବସି ପଢ଼ିବାକୁ
ପରିତ୍ୟକ୍ତ ବୟସର
ଯେତେସବୁ ଜହ୍ନିଫୁଲ
ଜହ୍ନରାତି
ଚଇତ୍ରର ତାଳ ଆଉ ତମାଳ ବନରେ
ଶହସ୍ର ଶାମୁକା ଆଉ ଶଙ୍ଖଚିଲ
ହୀରାମାଛ,
ଛଳଛଳ ଜଳର ଦର୍ପଣ,
ନୂଆନୂଆ ବସନ୍ତରେ
ଜଳୁଥିବା ଅଗଣିତ ଦେହର ଅନଳ।।
ତେଣୁ କହେ କୋଇଲିରେ
ଚ଼ଲ୍ ଆଜି ଫେରିଯିବା
ପୁଣିଥରେ ସେଇଠାକୁ
କାଠଯୋଡ଼ି ବାଲି ଆଉ କାଶତଣ୍ଡୀ ପଠା ପାରିହୋଇ
ଯେଉଁଠି ଶୁଣାଇଥିଲୁ

ଅଦିନରେ କୁହୁ ତୋର
ଯେଉଁଠି ମୋ ହାତ ଧରି
ଦେହଛୁଇଁ ପଣ କରିଥିଲୁ
ଜମା କେବେ ଭୁଲିବୁନି ବୋଲି
ଯେଉଁଠି ଆକୁଳ ହୋଇ
ଆଖିଛୁଇଁ, ମୋ ଆଖିରୁ ଲୁହ ପୋଛି
ମୋ ଓଠରେ ବୋକ ଦେଇଥିଲୁ;
ସେଇଠାକୁ ଯିବା ଚାଲ
ଆଜି ପୁଣି ଆଉଥରେ
ସେ ଦିନର ମନ ଆଉ
ଦେହନେଇ
ଆଦ୍ୟ ଯୌବନର
ଚାଲ ଆଜି ଫେରିଯିବା
ଶ୍ରାବଣୀରେ
ଆଉଥରେ ବୟସର ଶବସବୁ କାନ୍ଧରେ ପକେଇ
ଭିଜି ଭିଜି ହଜି ଯିବା
ଏ ସହରସୀମା ଟପି
ଅନ୍ୟ କେଉଁ ଅରଣ୍ୟର
ଅରମା ରାସ୍ତାରେ।।

●●

# ସୁନାଚଢେଇ

●

ସୁନାର ଚଢେଇ ଟିଏ ଉଡ଼ିଉଡ଼ି କାହୁଁ ଦିନେ ଆସି
ବସିଗଲା ମୋ ଆଖିରେ କହିଲା ସେ ଅବୁଝା ଭାଷାରେ
ମୋ ପଛରେ ଧାଇଁଛନ୍ତି, କେତେ ଚିଲ ଛଞ୍ଚାଣ ବି କେତେ
ଚାଖିବାକୁ ମାଂସ ମୋର–
ଆଶ୍ରା ଟିକେ ଦେବ କିଗୋ ମୋତେ ତୁମ ରୂପା ପଞ୍ଜୁରୀରେ।
ମୁଁ ତାକୁ ରଖିଲି ନେଇ ମୋ ମନର ପଞ୍ଜୁରୀ ଭିତରେ
ସେଇଠି ରହିଲା ସିଏ, ନାଚି କୁଦି ଗୀତ ଗାଇ, ନାଲି, ନେଳି ଫଳ
କେତେ ଖାଇ
ଆଉ ଯେତେ ଧାଇଁଥିଲେ ମାଂସଲୋଭି ଛଞ୍ଚାଣ ର ପଲ
ହତାଶରେ ଫେରିଗଲେ ପଞ୍ଜୁରୀର ଚାରିପଟେ ଘୁରି।।

ତା'ଆ ପରେ ଏଇମିତି ବହୁରାତି, ବହୁଦିନ ବିତିଗଲା ପରେ
ହଠାତ୍ ଦିନେ ସେ କାନ୍ଦିଲା ଟିକି ଟିକି ଡେଣା ତା ହଲାଇ
ସେ କୁଆଡ଼େ ଯିବ ଉଡ଼ି ଦୂରେ ଏଇ ନୀଳ ଆକାଶରେ
ଟିକି ଏଇ ରୂପା ପଞ୍ଜୁରୀଟା ତାକୁ ଜମା ଭଲ ଲାଗୁ ନାହିଁ।।

ଖୋଲିଦେଲି ରୂପାର ପଞ୍ଜୁରୀ ଉଡ଼ିଗଲା ସୁନାର ଚଢ଼େଇ
ସବୁ ସ୍ୱପ୍ନ ସରିଗଲା, ଚାଲି ଗଲା ସବୁ ଜାଳି ଦେଇ।

●●

# ଉପଳର ଇତିକଥା

●

ପଥଧାରେ ନିକ୍ଷେପିତ ତ୍ୟକ୍ତ ଏକ ଉପଳ ଖଣ୍ଡ ମୁଁ
ପଡ଼ିଥିଲି ନୀରବରେ ଭାବୁଥିଲି କିଏ ଦିନେ ଆସିବ ମୋ ପାଶେ
ତୋଳି ନେବ, ବୋକ ଦେବ, ଢାଳିଦେବ ମମତାର ଧାରା
ରିକ୍ତ ଏଇ ତନୁତଟେ ଖେଳିଯିବ କଂପନ କେତେ ।।

କେ କେତେ ଆସିଲେ ଗଲେ ମୁଁ ଦେଖିଛି ସେମାନେ ବି ଦେଖିଛନ୍ତି ମୋତେ
ତୋଳି ନେଇ ଦେଖିଲେ ବି, ଦେଖି ପୁଣି କେଜାଣି କାହିଁକି
ସେଇମିତି ରଖି ସେଠି ସେଇମାନେ ଚାଲିଗଲେ ଯେ ଯାହାର ବାଟେ
ମୋ ଆଗରେ ହସି ଖେଳି, ମୁଁ ତାହାଙ୍କୁ ପାରିଲି ନି ଡାକି

ଜଣେ କିନ୍ତୁ ଆସି ଦିନେ ତୋଳି ନେଲା, ବୋକ ଦେଲା ଢାଳିଦେଲା ମମତାର ଧାରା
ସେ ଧାରାରେ ଅବଗାହି, ଅଚାନକେ ପାଲଟିଲି ରକ୍ତର ଗୋଲାପ
ଥରି ଥରି ଅଳି କରି ରହିବାକୁ ତା ମନର ମଂଜୁଳ ମାଳଞ୍ଚେ
ସେ କିନ୍ତୁ ବୁଝିଲା ନାହିଁ- କହିଲା ତା ଅତି ଅବାନ୍ତର ।।

ଉପଳରୁ ଫୁଲ କରି ଯିଏ ମୋତେ ରଖି ଗଲା ଚାଲି
ତା ଲାଗି ମରୁଛି ନିତି ମୋ ସୁରଭୀ ଦିବା ନିଶି ଝୁରି ।।

●●

# କକମିନା

●

ଥାଉ ଥାଉ କାଆଁଦେନା ଧନ ମୋର କକମିନା ମାଡ଼ି  ଆସିଲାଣି
ସାଇଁ ସାଇଁ ପବନରେ ପାଦଚିପି ମହାନଦୀ ବାଲି ଓ ପଠାରେ
ଧନ ମୋର, ସୁନା ମୋର ଶୋଇ ପଡ଼ ରାତିଆସି ଅନେକ ହେଲାଣି
ମୁଁ ଗାଉଛି ନାନାବାୟା, ବୁଜି ଦେଏ ଆଖି ଆଉ ଅବୁଝା ହୁଅନା ।।

ମାଟିର କଣ୍ଢେଇ ଟାଏ ଭାଂଗିଗଲା ଏତ କିଛି ନୂଆ କଥା ନୁହେଁ
ଏଥିଲାଗି ଏତେ ରାଗ ଏତେ ରୁଷା ଏତେ ପୁଣି ଅଭିମାନ କିଆଁ
ଆଜି ରାତି ପାହି ଯାଉ ଆଉ ଗୋଟେ ଆଣିଦେବି କାଲି
ପୁଉଣି ଖେଳିବ ଦୁହେଁ ତୁଉ ବର ସେ ହେବ କନିଆଁ ।।

ତଥାପି ବୁଝିଲୁ ନାହିଁ ଧନ ମୋର କହ ତେବେ କଅଣ ଚାହୁଁଛୁ
ଆଣିବ କି ହାତୀ ଘୋଡ଼ା, ସୁନା ଫୁଲ, ରୂପାର ପାଲିଙ୍କି
ତାରାର ରୋଷଣୀ ଜାଳି ସୁନାନାକି ପରୀ କି ବସେଇ
ତା ସାଥିରେ ଖେଳିବୁକି ? ହଉ ତେବେ ଆଣିଦେବି କାଲି ।।

ଧନ ମୋର ସୁନା ମୋର ଶୋଇପଡ଼ ରାତି ଆସି ଅନେକ ହେଲାଣି
ଚାଲିଯାରେ କକମିନା ଚାଲିଯାଆ
ଧନ ମୋର କେତେ ବେଳୁ ଶୋଇ ପଡ଼ିଲାଣି ।।

●●

# ଫୁଲ ଗଛ କାହିଁକି ତୁ ମଲୁ ?

●

ମୋ କଥାତ ଅଧା ଥିଲା ଫୁଲଗଛ ମରିଗଲା ଆହା
କେହିତ କହିଲେ ନାହିଁ ଫୁଲ ଗଛ କାହିଁକି ରେ ମଲୁ ?
ଖାଇଲା କି କାଳିଗାଇ ଅବା କେଇଁ ଓଲେଇ ବାଛୁରୀ
କାହିଁକି ମରିଲୁ ତେବେ ମୋ କଥାତ ନାଇଁ ଥିଲା ସରି ? ?

ରାଜାଝିଅ କାନ୍ଦୁଥିଲା ଫୁଲି ଫୁଲି ସୁନା ଲୁହ ଆଖିରୁ ଗଡ଼େଇ
ଲେଖିଥିଲା ଏତେ କରି କଜଳରେ କେତକୀ ପତରେ
ରାଜାପୁଅ ଆସିଲାନି ପକ୍ଷୀରାଜ ପାଣି ପିଇଲାନି
ସାଢତାଳ ପୋଖରୀରେ ନୀଳକଇଁ ବାହୁନେ ବିକଳେ ।।

କୁଆ ଆଉ କୋଇଲିର ଗୋଡ଼ ମିଳେ ନାହିଁ ଅଗ୍ନାଅଗ୍ନି ବନସ୍ତ ଭିତରେ
ସେବାଟରେ ଆସୁଥିଲା ରାଜାପୁଅ ପକ୍ଷୀ ରାଜ ପିଠି ପରେ ବସି
କାହୁଁ ଥିଲା ଅସୁରୁଣୀ ବଶ କରି ଘଡ଼ିକ ଭିତରେ
ଟେକି ନେଇ ଚାଲିଗଲା, ତା ପେଡ଼ିରେ ରଖିଲା ସାଇତି ।।

ଏତିକି ରହିଛି କଥା ଅଧା ମୋଟେ, ଫୁଲଗଛ ସତେ ମରିଗଲା
ମୋ କୁନି କାନ୍ଦୁଛି ବସି କଥା କହ, କଥାକହ
କେମିତି ମୁଁ ବୁଝାଇବି ଭଲା ।

●●

# ଚାଲ ଆମେ ଯିବା ଉଡ଼ି

●

ଚାଲ ଆମେ ଯିବା ଉଡ଼ି ପକ୍ଷୀ ହୋଇ ନୀଳ ଆକାଶରେ
ମେଘର ପାହାଚ ଡେଇଁ ପବନରେ ଢେଉ କାଟି କାଟି
ଏଠି ଏଇ ଜରାଜୀର୍ଣ୍ଣ ମାଟି ଗୋଡ଼ି ବାଲିର ଧରାରେ
କ୍ଷଣେ ମାତ୍ର ରହିବାକୁ ଆଉ ଜମା ଭଲ ଲାଗୁନାହିଁ।।୧

ସେଇଠାକୁ ଯିବା ଚାଲି–ସେଇ ଯେଉଁ ତାରାର ମିନାରେ
ମଣିର ପ୍ରଦୀପ ଜଳେ, ଝାସ ଦିଏ ମୁକ୍ତାର ପତଙ୍ଗ
ହୀରାର କୁସୁମ ଫୁଟେ କମନୀୟ ମୋତିର ଲତାରେ
କୁହୁଡ଼ିର ନଦୀ ଯହିଁ ନିଦଭାଂଗେ ଅଳସ କନ୍ୟାର ।।୨

ସେଠିତ ନ ଥିବେ କେହି ଜଳିବାକୁ ଆମ ସୁଖ ଦେଖି
ନଥିବେ ବି କେହି ସେଠି ହାତଟେକି କହିବାକୁ ପଦେ
ତମେ ଥିବ, ମୁଇଁ ଥିବି ଆଉ ଥିବ ଏ ନୀଳ ଆକାଶ
ପାଦତଳେ ଏ ପୃଥିବୀ ଜଳୁଥିବ ନିହାତି ଈର୍ଷାରେ।।୩

ଲୁଚି ଲୁଚି କେତେ ଦିନ ଦୁହେଁ ଆଉ ଜଳୁଥିବା ଦୁହିଁଙ୍କ ମନରେ
ଚାଲି ଆଜି ଉଡ଼ିଯିବା ସାଥୀ ହୋଇ
ଡେଣା ମେଲି ନୀଳ ଆକାଶରେ।। ୪

●●

# ପ୍ରତିପଦା, ଦ୍ୱିତୀୟା ଓ ତୃତୀୟା

●

ଏ ତିଥି ଆସିଲା ଦିନେ ମୋ ଆକାଶେ ଆଲୋକ ସଂଚରି
ଅଜସ୍ର ଆଶାର ଆଉ ଆକାଂକ୍ଷାର ମଉସୁମୀ ନେଇ
କାବ୍ୟମୟ କଲା ମୋତେ, କଳ୍ପନାରେ ରଂଗ ଦେଲା ଭରି
ନୀରସ ଜୀବନେ ମୋର ଝରି ଗଲା କୃଷ୍ଣା ଓ କାବେରୀ ।।୧

ଏ ତିଥି ଆସିଲା କିନ୍ତୁ ପ୍ରତିପଦା ଚାଲି ଗଲା ପରେ
ଅନାହୁତେ ଅଜାଣତେ ମୋ ଆକାଶେ ନୁପୁର ବଜାଇ
ଛନ୍ଦହରା କଲା ମୋତେ କୃଷ୍ଣା ଆଉ କାବେରୀର ପଥ ହଜି ଗଲା
ଚାଲିଗଲା ଆଜି ବି ସେ ମୋ ଜୀବନ ଗଦ୍ୟମୟ କରି।। ୨

ଏ ତିଥିର ଆଗମନ ଆଉ ମୋଟେ ଚାହୁଁନି ଏ ମନ
ତଥାପି ଆସିବ ସିଏ ଏଇଟା ତ ଅତି ସତ କଥା
ହଜିଯିବ ଛନ୍ଦ ଯେତେ ମରିଯିବି କାମନା ଯେତେକ
ସେ ଆସିବ ନିଶ୍ଚେ ଦିନେ ଏ ଜୀବନ କରି ମରୁମୟ।।୩

ଏକ ପରେ ଏକ ହୋଇ କେତେ ତିଥି ଆସିବ ଓ ଯିବ
ଏ ଆକାଶ ମୂକ ହୋଇ ଏଇମିତି ଚାହିଁ ରହିଥିବ।। ୪

●●

# ଅନେକ ଦିନ ପରେ

●

ଯେଉଁ ଦିନୁ ଗଲଣି ଗୋ ଚାଲି
ସେଇ ଦିନୁ ଆଉ ମୋଟେ
ଲେଖିନି କବିତା,
ଗାଇନି ବି ଗୀତ ଆଉ
ଆଙ୍କି ନାହିଁ ଚିତ୍ର ବି କିଛି,
ମୋ ଅଲକ୍ଷ୍ୟେ ସେ ସବୁରେ
ମୁଁ ଯେମିତି ସତେ ଅବା ପାଶୋରି ଦେଇଛି ।।
କାହାଲାଗି ଲେଖିଥାନ୍ତି
କିପରି ବା ଲେଖିଥାନ୍ତି କୁହ,
ଏମିତି କି ଲେଖିହୁଏ ପଢ଼ିବାର ଲୋକ ନାହିଁଥିଲେ ?
କାହାଲାଗି ଗାଇଥାନ୍ତି
କେମିତି ବା ଗାଇଥାନ୍ତି କୁହ,
ଏମିତି କି ଗାଇହୁଏ ଶୁଣିବାର ଲୋକ ନାଇଁଥିଲେ ?
ତୁମେ ଭଲା କୁହ ମୋତେ
କେମିତି ମୁଁ ଆଙ୍କିଥାନ୍ତି ବସି
କାହାରୂପ, କାହାଓଠ, କାହାଆଖି କାହାର କୁନ୍ତଳ,
ଯା ରୂପରେ ରଂଗ ନାହିଁ
ଯା ଆଖିରେ ନିଶା ଆଉ-
ଯା ଓଠରେ କଂପନ ନାହିଁ
ତା ଛବି କି ଲେଖିଥାନ୍ତି
କୁହତେବେ କେଉଁ ପରି କେଉଁ ରଂଗ ବୋଳି ?
ତେଣୁ ଜମା ପାରି ନାହିଁ
ଗାଇ, ଆଙ୍କି, ଲେଖି ବି କବିତା
ସରାଗ ମଳାଣି ମନୁ ବହୁଦିନୁ
ତା ଉପରେ ଚରିଲାଣି
ସମୟର ନିଷ୍ଠୁର ସିକତା ।।

●●

# ଉଲ୍‌କା

●

ଉଲ୍ କା ସମ
ମୋ ଆକାଶେ କାହିଁକି ଗୋ
ଉଠିଥିଲ ତୁମେ ?
କାହିଁକି ଗୋ ଆସିଥିଲ
ଅନାହୂତେ
ଅଜାଣତେ
କୋଟି କୋଟି ତାରା ମେଳେ
ମୋ ଆଖିରେ
ପହଁରି ପହଁରି;
ଚାଲିଗଲ କାହିଁକି ଗୋ ପୁଣି
ଭାଙ୍ଗିରୁଜି ସୁନାର ସପନ
ଲୁଟିନେଇ ସବୁକିଛି
ଜାଳିପୋଡ଼ି ସବୁକିଛି ମୋର
ହଜିଗଲ ଦିଗ୍‌ବଳୟେ
ମୋ ଆଖିରେ କୁହେଳିକା ଭରି
ଅଳଙ୍କୃତ କରି ପରାଜୟେ ।।
ଏତେ ବଡ଼ ପରାଜୟ ପରେ
ତଥାପି ମୁଁ
ବଞ୍ଚିଛି ଆଜି
ବିଜୟୀର ଗର୍ବ ନେଇ ମନେ
ହଉପଛେ ଉଲ୍‌କା ସମ
ମୋ ଆକାଶେ ଅନାହୂତତେ
ତୁମେ ଆଗୋ ଉଠିଥିଲ ଦିନେ ।

●●

# କଣ୍ଢେଇ

●

ଆକାଶର ତଳେ ଦିନେ ବୁଲୁବୁଲୁ ଲକ୍ଷ୍ୟହୀନ ହୋଇ
ଅକସ୍ମାତ୍ ଦେଖିଲି ମୁଁ କମନୀୟ କଣ୍ଢେଇ ଗୋଟିଏ
ପଡ଼ିଅଛି ନୀରବରେ ଆକାଶକୁ ରହିଛି ସେ ଚାହିଁ
ଗୋଟାଇ ଆଣିଲି ତାକୁ ଯତନରେ ନିହାତି ଗୋପନେ ।।୧

ମୋ ମନର ସୂତା ବାନ୍ଧି ନାନା ରଙ୍ଗେ ସଜାଇ ତାହାକୁ
ମୁଁ ରହିଲି ଆଢୁଆଳେ, ତାକୁରଖି ପରଦା ଆଗରେ
ନଚାଇଲି କେତେ ଢଙ୍ଗେ ନାଚିଲା ସେ କେତେ ରଙ୍ଗେ ଢଳି
ମୁଁ ନାଚିଲି ନେପଥ୍ୟରେ ତା'ର ତା ଅଙ୍ଗର ପ୍ରତିଟି ଭଙ୍ଗୀରେ ।।୨

ହଠାତ୍ ଛିଣ୍ଡିଲା ସୂତା କଣ୍ଢେଇଟା ପଡ଼ିଗଲା ତଳେ
ସବୁ ଛନ୍ଦ ହଜିଗଲା, ଥମିଗଲା ନୃତ୍ୟର ଆସର
ଯେତେ ଯିଏ ଦେଖୁଥିଲେ ଏକେଏକେ କଲେ ପଳାୟନ
କପାଳେ ମୋ ଆଙ୍କିଦେଇ ନିନ୍ଦାର ଆଲେଖ୍ୟ ମଧୁର ।।୩

ସୂତା ସିନା ଛିଣ୍ଡିଗଲା ଅକସ୍ମାତେ,କଣ୍ଢେଇର ନାଚ ଥମିଗଲା
(ମୋ ନାଚ ଥମିନି କିନ୍ତୁ)
ମୁଁ ନାଚୁଛି, ନାଚୁଥିବି, ନଚାଇ ସେ ମୋତେ ଚାଲିଗଲା ।।୪

●●

# ତୁମ ଲାଗି

●

ଏତେ ଖୁସି ଭିତରେ ବି
ମୋ ମନରେ ଯନ୍ତ୍ରଣା ବଢ଼ିଛି,
ଏତେ ହସ ଭିତରେ ବି
ମୋ ଆଖିରେ ଶ୍ରାବଣୀ ଆସିଛି।
ଏତେ ହସ
ଏତେ ଖୁସି
ସବୁଥିରୁ ମୁଁ ଆଜି ବଂଚିତ,
ଏତେ ଲୁହ,
ବେଦନାରେ
ତନୁମନ  କରିଛି ସଜ୍‌ଜିତ।।
ଏତେ ସବୁ ତୁମ ଲାଗି
ରାଣଅଛି ତୁମ ଲାଗି ଖାଲି
ଏତେ ଭଲ ପାଇ ପୁଣି
ସତେ ତୁମେ ଭୁଲିଗଲ ବୋଲି।

●●

# ଅନ୍ଧ ମୁଁ ଆଜି

●

ଏଇ ରାତି ଆସେ ଯେବେ ଝୁମିଝୁମି ନିଥର ଆକାଶେ
ଏ ଟିକି ଆଖିରେ ମୋର ଧିରେ ଧିରେ ନିଦ ଆସେ ମାଡ଼ି
ମନ ମୋର ଖୋଜି ବୁଲେ କା ଦେହର ଉଷୁମ ପରଶ
ଯା ଦେହର ଟିକିଏ ପରଶେ ଆଖିରେ ମୋ ନିଦ ଯାଏ ଭରି ।୧
ନରମ ନରମ ତା'ର ଓଠର ସେ ପାଖୁଡ଼ା ଦୁଇରେ
ସ୍ନେହ ଆଉ ମମତାର କେତେ ଯେ ଅମୃତ
ଯାହାକୁ ମୁଁ ପିଇଥିଲି ଏଇ ମୋର ନାଲିଆ ଓଠରେ
ପାଇଥିଲି ସରଗର ସୁଖ, ଆଜି ସବୁ ହୋଇଛି ଅତୀତ ।୨

ସିଏଥିଲା ସବୁମୋରଥିଲା ଚାଲିଗଲା ନେଇସବୁ ଦୂରେ
ଏତିକି ସେ ଦେଇଗଲା ତା'ରୂପର ଅତଳ ସାଗରୁ
ଦୁଇଗୋଟି ଆଖିତାର ଆଉ ପୁଣି ତା ରୂପର ଚହଟ ଚମକ
ଯାକୁ ନେଇ ଜିଇଁଅଛି ଅତୀତକୁ ପଛରେ ଲୁଚାଇ ।୩
ତା ମନର ଯେତିକି କାମନା ମୋମନରେ ଗଲା ଭରିଦେଇ
ସେଇଥିରେ ଅଂଧ ମୁଁ ଆଜି-ଖୋଜି ଖୋଜି ବାଟ ପାଏ ନାହିଁ ।।

●●